## ବିକାଶମୂଳକ କାର୍ଯ୍ୟର ଶିଳାନ୍ୟାସ କଲେ ବିଧାୟିକା

ସୁନ୍ଦରଗଡ଼,(ଡି.ଏନ.ଏ.): ଅଭିଯୋଗ ଶୁଣାଣି ସମୟରେ ସ୍ଥାନୀୟ ବାସିନ୍ଦାଙ୍କ ଦାବିମୁତାବକ ବିଧାୟିକା କୁସୁମ ଟେଟେ ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ବିଭିନ୍ନ ବିକାଶମୂଳକ କାର୍ଯ୍ୟର ବର୍ତ୍ତମାନ ଶିଳାନ୍ୟାସ ଆରମ୍ଭ କରିଛନ୍ତି। ଏହି କ୍ରମରେ ରବିବାର ସଦର ବ୍ଲକ ଅନ୍ତର୍ଗତ କିରେଇ ପଞ୍ଚାୟତର ବଜାରପଡା ଓ ଖଡିଆପଡାଠାରେ କଂକ୍ରିଟ ରାସ୍ତା, ଗୋଷ୍ଠୀକେନ୍ଦ୍ର, ଖୋଲାମଞ୍ଚର ଶୁଭ ଦେଇଛନ୍ତି। ଏହାପରେ ମେଦିନିପୁରଠାରେ ଏକ ଖୋଲାମଞ୍ଚ, ଭବାନୀପୁରଠାରେ ଏକ ନୂତନ ଗୋଷ୍ଠୀକେନ୍ଦ୍ର ଏବଂ କନ୍ଧାବାହାଲ ଠାରେ ଏକ ଖୋଲାମଞ୍ଚର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁବନେତା ଅରବିନ୍ଦ ନାୟକ, ଶୈଳେଶ କାରିଆ, ରାନା ନାୟକ, ଗଜାଧର କମାର ପ୍ରମୁଖ ଭାଜପା ନେତା ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ୭ବର୍ଷ ପରେ ଧରାପଡିଲେ ୨ ବୋଲେରୋ ଚୋର

**ରାଜଗାଙ୍ଗପୁର,୨୪।୧୦(ଡି.ଏନ.ଏ.):** ରାଜଗାଙ୍ଗପୁର ଥାନା ଅଧିନସ୍ଥ ତଥା କାଂସବାହାଲ ଫାଣ୍ଡି ଅନ୍ତର୍ଗତ ବିଲେଇଗଡ ଗ୍ରାମର ବାବୁଲି ନାୟକ ନିଜଘର ସମ୍ମୁଖରେ ୨୦୧୪ ଡିସେମ୍ବର ୪ ତାରିଖ ରାତିରେ ନିଜର ବୋଲେରୋ ନଂ. ଓଆର୍ ୧୬ବି ୫୪୪୮କୁ ବନ୍ଦ କରି ରଖି ଘରେ ଶୋଇଥିଲେ। ପରଦିନ ସକାଳେ ଘର ସମ୍ମୁଖରେ ନିଜ ଗାଡ଼ି ନ ଥିବାରୁ ବିବ୍ରତ ହୋଇ ଏଣେ ତେଣେ ଖୋଜିବା ଆରମ୍ଭ କରିଥିଲେ। କିନ୍ତୁ ନ ପାଇ ଲିଖିତ ଅଭିଯୋଗ ଫାଣ୍ଡିରେ କରିଥିଲେ। ଥାନା କେସ ନଂ. ୨୨୯।୧୪ରେ ମାମଲା ରୁଜୁ କରି ପୋଲିସ ଅନୁସନ୍ଧାନ ଜାରି ରଖିଥିଲେ। କିନ୍ତୁ ଚୋରକୁ ଧରିବାରେ ସଫଳ ହୋଇପାରି ନ ଥିଲା। ବର୍ତ୍ତମାନର ଫାଣ୍ଡି ଅଧିକାରୀ ବିଜୟ କୁମାର ସିଂ ଏହି ବୋଲେରୋ ଚୋରି ଘଟଣାର ତଦନ୍ତ କରି ଦୀର୍ଘ ୮ ବର୍ଷ ପରେ ଚୋରକୁ ଧରିବାରେ ସଫଳ ହୋଇଛନ୍ତି। ସଢେଇକଳା ଭୁକୁଣ୍ଡା ଅଞ୍ଚଳର ବିନୋଦ ମୁଣ୍ଡା (୨୭) ଓ ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ କଲୁଙ୍ଗା ଅଞ୍ଚଳର ପିଣ୍ଟୁ ସାଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରାଯାଇଛି। ହେଲେ ଚୋରମାନେ ଏହି ବୋଲେରୋକୁ ନେଇ ରାୟଗଡଠାରେ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିଲେ। ବର୍ତ୍ତମାନ ପୋଲିସ ତାର ଅନୁସନ୍ଧାନ ଜାରି ରଖିଛି। ଖୁବଶୀଘ୍ର ଧରାପଡିବ ବୋଲି ପୋଲିସ ପ୍ରକାଶ କରିଛନ୍ତି।

### ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ବାର୍ଷିକ ସମାରୋହ

**ସୁନ୍ଦରଗଡ଼,୨୪।୧୦(ଡି.ଏନ.ଏ.):** ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ୧୭ତମ ବାର୍ଷିକ ସମାରୋହ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପୂର୍ବତନ ଜିଲା କ୍ରୀଡା ଅଧିକାରୀ ଅଭୟ କୁମାର ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସୁନ୍ଦରଗଡ଼ ଜିଲା ବାଲିଶଙ୍କରାରୁ ଯେପରି ହକିରେ ଅଲିମ୍ପିକ୍ସରୁ ଆରମ୍ଭ କରି ଭାରତ ଟିମ୍‌ର ଅଧିନାୟକ ହୋଇପାରିଛନ୍ତି ସେହିପରି ଆଗକୁ ଆହୁରି ନାମ କମାନ୍ତୁ ନାମ ରଖନ୍ତୁ କହିଥିଲେ। ସୁନ୍ଦରଗଡ଼ରେ ହକି ନର୍ସରୀ ବିଦ୍ୟାଳୟ କରିବା ପାଇଁ ଯୋଜନା ଥିବାର ସୂଚନା ଦେଇ ପାଠପଢ଼ା ସହିତ ଖେଳରେ ଆହୁରି ଆଗକୁ ଯିବାକୁ ଉତ୍ସାହିତ କରିଥିଲେ। ବେହେରାଡିହି ସରପଞ୍ଚ ପ୍ରତିମା ଧୂଆ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହା ପରେ ସଙ୍ଗଠନର ଶପଥ ପାଠ କରାଯାଇ ଏହା ପରେ ୧୦ଟି ପ୍ରତିଯୋଗିତାର ବିଜୟୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ପାରମ୍ପରିକ ପିଠା ପ୍ରତିଯୋଗିତାରେ ୧୨ପ୍ରକାର ପିଠା ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଆଠକୋଶିଆ ଆଦିବାସୀ ଏକତା ମଞ୍ଚର ସଭାନେତ୍ରୀ ନୀଳିମା ଟପ୍ପୋ, ଲିଡର ଅବ୍ରାହମ ଲକଡା, ଅବ୍ରହାମ ତିର୍କୀ, ବିନୋଦ କୁଜୁର, ସୁପ୍ରିୟାନ ଖାଖା, ପ୍ରଦୀପ କୁଜୁର, ସିଂହାସନ ଲାକଡା, କମଳା କୁଜୁର, ବିମଳା ଏକ୍କା, ଅହଲ୍ୟା ସା ପରିଚାଳନା କରିଥିଲେ।

### ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର

**କୁତ୍ରା,୨୪।୧୦ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ୧୦ ନମ୍ବର ରାଜ୍ୟ ରାଜପଥ ପେଟ୍ରୋଲ ପମ୍ପ ସମ୍ମୁଖରେ ରବିବାର ବାଇକ ଧକ୍କାରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି। ସକାଳେ ସିଆଲଯୋର ଗ୍ରାମର ଭଗବାନ ଭୋଇ ରାଜ୍ୟ ରାଜପଥ ଅତିକ୍ରମ କରୁଥିବାବେଳେ ତାଙ୍କୁ ଏକ ବାଇକ ଓଡି ୧୪ ଏ ୧୨୯୫ ଧକ୍କା ଦେଇଥିଲା। ଫଳରେ ଭୋଇ ସାଇକଲରୁ ପଡିଯାଇଥିଲେ। ତାଙ୍କୁ ଉଦ୍ଧାର କରି କୁତ୍ରା ଡାକ୍ତରଖାନାକୁ ନେଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା।

### ଓଡିଶା ଡ୍ରାଇଭର ମହାସଂଘ ବୈଠକ

**କୁତ୍ରା,୨୪।୧୦(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ତେଲିଘଣା ୧୦ ନମ୍ବର ରାଜ୍ୟ ରାଜପଥ କଡ଼ରେ ଥିବା ଆମ୍ବ ବଗିଚାଠାରେ ରବିବାର ଓଡିଶା ଡ୍ରାଇଭର ମହାସଂଘ ତରଫରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶେଷ ଭାବରେ ଡ୍ରାଇଭରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରାଯାଇଥିଲା। ଆଗାମୀ ଦିନରେ ସଂଘରେ ଆହୁରି ଅଧିକରୁ ଅଧିକ ଡ୍ରାଇଭର କିଭଳି ଭାବରେ ଯୋଡି ହେବା ସହିତ ସଂଘ ମଜବୁତ ହେବ ସେ ଦିଗରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସମସ୍ତଙ୍କ ସହମତି କ୍ରମେ ଦେଓ କୁମାର ସୁନାନିଙ୍କୁ ନୂତନ ସଭାପତି ଭାବେ ଚୟନ କରାଯାଇଛି। ଗୁରୁ ମେହେର, ଦେବେନ ସେଲୁ, ମନୋଜ ଏକ୍କା, ବିଭୁତି ହୋତା, ମୁକେଶ କେଶରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ସରପଞ୍ଚ ପଦବୀ ସଂରକ୍ଷଣ ତାଲିକା ତ୍ରୁଟିପୂର୍ଣ୍ଣ

**ଦେବଗଡ଼,୨୪।୧୦(ଡି.ଏନ୍.ଏ.)**



ଖବରଦାତା ସମ୍ମିଳନୀରେ ପୂର୍ବତନ ସରପଞ୍ଚ ଉଦିତ କୁମାର ନାୟକ ଓ ଅନ୍ୟମାନେ ମଞ୍ଚାସୀନ।

**ଖବରଦାତା ସମ୍ମିଳନୀରେ ଦୁଧିଆନାଳି ପଞ୍ଚାୟତବାସୀଙ୍କ ଅଭିଯୋଗ**

ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଅନ୍ତର୍ଗତ ଦୁଧିଆନାଳି ଗ୍ରାମ ପଞ୍ଚାୟତର ସରପଞ୍ଚ ପଦବୀ ସଂରକ୍ଷିତ ତାଲିକାରେ ତ୍ରୁଟି ରହିଥିବା ଦର୍ଶାଇ ଏହାର ସଂଶୋଧନ କରିବାକୁ ପଞ୍ଚାୟତବାସୀ ଦାବି ଜଣାଇଛନ୍ତି। ସ୍ଥାନୀୟ ଏକ ଘରୋଇ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦୁଧିଆନାଳି ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ଉଦିତ କୁମାର ନାୟକ ପଞ୍ଚାୟତବାସୀଙ୍କ ପକ୍ଷରୁ ଦାବି କରିଛନ୍ତି। ପୂର୍ବତନ ସରପଞ୍ଚ ନାୟକଙ୍କ ଅଭିଯୋଗ ଅନୁଯାୟୀ ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ ୨୦୦୨, ୨୦୦୭, ୨୦୧୨ ଓ ୨୦୧୭ରେ ହୋଇଥିବା ସଂରକ୍ଷିତ ତାଲିକାକୁ ଦୃଷ୍ଟିରେ ରଖି ଆଗାମୀ ନିର୍ବାଚନ ନିମନ୍ତେ ପ୍ରତ୍ୟେକ ଆସନକୁ ସଂରକ୍ଷିତ ରଖାଯିବା କଥା। ମାତ୍ର ବିଡମ୍ବନାର ବିଷୟ ଏହା ଯେ, ୨୦୧୭ ପଞ୍ଚାୟତ ନିର୍ବାଚନ ଭଳି ଆଗାମୀ ୨୦୨୨ ପଞ୍ଚାୟତ ନିର୍ବାଚନ ନିମନ୍ତେ ଅନୁସୂଚିତ ଜନଜାତି ମହିଳାଙ୍କ ନିମନ୍ତେ ପୂର୍ବବତ ସଂରକ୍ଷିତ ରଖାଯାଇଛି। ଉକ୍ତ ପଞ୍ଚାୟତର ସରପଞ୍ଚ ଆସନ ୨୦୦୨ରେ ଅଣସଂରକ୍ଷିତ, ୨୦୦୭ରେ ପଛୁଆ ବର୍ଗ, ୨୦୧୨ରେ ଅନୁସୂଚିତ ଜନଜାତି (ପୁରୁଷ ଓ ମହିଳା ଉଭୟ)ଓ ୨୦୧୭ରେ ଅନୁସୂଚିତ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରଖାଯାଇଥିଲା । ଏହିସବୁ ସଂରକ୍ଷଣ ତାଲିକାକୁ ଅନୁଧ୍ୟାନ କଲେ ଆଗାମୀ ୨୦୨୨ ମସିହା ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜନଜାତି ପୁରୁଷଙ୍କ ନିମନ୍ତେ ସଂରକ୍ଷିତ ରଖାଯିବା କଥା ବୋଲି ନାୟକ ପ୍ରକାଶ କରିଥିଲେ। ଏଥିସହ ତିଲେଇବଣି ପଞ୍ଚାୟତ ସମିତିର ଅଧ୍ୟକ୍ଷ ପଦବୀକୁ ମଧ୍ୟ ନିର୍ଦ୍ଦିଷ୍ଟ ଅନୁସୂଚିତ ଜନଜାତିର ମହିଳାଙ୍କ ପାଇଁ ସଂରକ୍ଷିତ ରଖା ନ ଯାଇ କେବଳ ଅନୁସୂଚିତ ଜନଜାତି ନିମନ୍ତେ ସଂରକ୍ଷିତ ରଖାଗଲେ ଉଭୟ ପୁରୁଷ ଓ ମହିଳାମାନେ ନିର୍ବାଚନ ଲଢିପାରିବେ ବୋଲି ପୂର୍ବତନ ସରପଞ୍ଚ ନାୟକ ଦର୍ଶାଇଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଦୁଧିଆନାଳୀ ଗ୍ରାମପଞ୍ଚାୟତର ବହୁ ଜନସାଧାରଣ ଗତ ୧୧ ତାରିଖ ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ଦୁଧିଆନାଳି ଗ୍ରାମ ପଞ୍ଚାୟତର ସରପଞ୍ଚ ଆସନ ଅନୁସୂଚିତ ଜନଜାତି ପୁରୁଷଙ୍କ ପାଇଁ ସଂରକ୍ଷିତ ରଖିବା ପାଇଁ ପୁନଃ ତାଲିକା ପ୍ରକାଶ କରିବାକୁ ଜିଲାପାଳଙ୍କ ନିକଟରେ ଲିଖିତ ଦାବି କରିଥିଲେ। ଏଥିସହ ଏହି ଦାବିପତ୍ରର ନକଲ ଓଡିଶା ସରକାର ଓ ନିର୍ବାଚନ ଅଧିକାରୀଙ୍କ ନିକଟକୁ ପଠାଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ତଳକୁଣ୍ଡି ପଞ୍ଚାୟତର ମହେଶ୍ୱର ପ୍ରଧାନ, ପଳକୁଦର ଗ୍ରାମ ପଞ୍ଚାୟତର ଉଦୟ କୁମାର ପ୍ରଧାନ, ସନ୍ତୋଷ କୁମାର ମାଝି, ଦୁଧିଅନାଳୀ ଗ୍ରାମ ପଞ୍ଚାୟତର ତପନ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଳଙ୍କାର ଦୋକାନର ୨ ଭାଇଙ୍କ ସହ ୫ଅଟକ

**ଦେବଗଡ଼, ୨୪।୧୦(ଡି.ଏନ.ଏ.)**

**ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଘରୁ ଚୋରି ଘଟଣା**

୨ସପ୍ତାହ ପୂର୍ବେ ଦେବଗଡ ପୌରାଞ୍ଚଳ ରଙ୍ଗିଆଗୁଡା ସାହିର କିଶୋର ନନ୍ଦ ନାମକ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ଘରୁ ୧୪ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଚୋରି ହୋଇଥିଲା। ଦେବଗଡ଼ ଥାନା ପୋଲିସ ରବିବାର ଏ ଘଟଣାରେ ରଙ୍ଗିଆଗୁଡା ସାହିର ୩ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ସେହିପରି ଚୋରି ସୁନା ଅଳଙ୍କାର କିଣିବା ଅଭିଯୋଗରେ ସହରର ଏକ ଜଣାଶୁଣା ଗହଣା ଦୋକାନର ୨ ଭାଇ(ମାଲିକ)ଙ୍କୁ ଥାନାରେ ଅଟକ ରଖିଥିବା ଜଣାପଡିଛି। ସୂଚନାଯୋଗ୍ୟ ଯେ, ଦେବଗଡ ପୌରାଞ୍ଚଳ ରଙ୍ଗିଆଗୁଡା ସାହିର କିଶୋର ନନ୍ଦ ନାମକ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଗତ ୧୦ ତାରିଖ ତାଙ୍କ ସହଧର୍ମିଣୀଙ୍କ ସହ ସମ୍ବଲପୁର ଜିଲା ରେଢାଖୋଲ ସ୍ଥିତ ଝିଆରୀ ଘରକୁ ଯାଇଥିଲେ।

ତେବେ ସେମାନେ ୧୨ ତାରିଖ ଘରକୁ ଫେରିବାବେଳେ ତାଙ୍କ ଘରେ ଲାଗିଥିବା ତାଲା ଓ ଆଲମାରୀ ଭଙ୍ଗା ଯାଇଥିବା ଏବଂ ତହିଁରୁ ନଗଦ ଟଙ୍କା ସମେତ ସୁନା ଅଳଙ୍କାର ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ସେହିପରି ଚୋରି ହୋଇଥିବା ମୋଟ ସମ୍ପତ୍ତିର ମୂଲ୍ୟ ପ୍ରାୟ ୧୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବା ଆକଳନ କରାଯାଇଥିଲା। ଏନେଇ ନନ୍ଦ ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ ହେଁ, ଦେବଗଡ ଆଦର୍ଶ ଥାନା ପୋଲିସ ଦୀର୍ଘ ଏକ ସପ୍ତାହ ପର୍ଯ୍ୟନ୍ତ ଚୋର କିମ୍ବା ଚୋରି ସାମଗ୍ରୀ ଠାବ କରିବାରେ ସଫଳ ହୋଇ ନ ଥିଲା । ଫଳରେ ନନ୍ଦ ଗତ ୧୬ ତାରିଖ ଏନେଇ ଏସ୍‌ପି ପାଇକରାୟଙ୍କ ଦ୍ୱାରସ୍ଥ ହେବା ସହ ତୁରନ୍ତ ଚୋର ଏବଂ ଚୋରି ସାମଗ୍ରୀ ଠାବ କରିବାକୁ ଅନୁରୋଧ କରିଥିଲେ। ଏହା ପରେ ଦେବଗଡ ଆଦର୍ଶ ଥାନା ପୋଲିସ ତଦନ୍ତ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସହ ଚୋରି ଘଟଣାରେ ରଙ୍ଗିଆଗୁଡା ସାହିର ୩ଜଣ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲେ। ଶନିବାର ସେମାନଙ୍କୁ ଦେବଗଡ ଥାନାକୁ ଆଣି ପଚରାଉଚରା କରିବା ପରେ ଚୋରି ଗହଣା କିଣିଥିବା ସନ୍ଦେହରେ ସହରର ଏକ ଜଣାଶୁଣା ଅଳଙ୍କାର ଦୋକାନର ଦୁଇ ଭାଇ(ମାଲିକ)ଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି । ତେବେ ତଦନ୍ତରେ ବାଧା ସୃଷ୍ଟି ହେବା ଆଶଙ୍କାରେ ଅଟକମାନଙ୍କର ପରିଚୟ ଗୋପନ ରଖାଯାଇଛି ।

## ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ: କରଡ଼ାପାଳ ଦଳ ଚାମ୍ପିୟନ

**ଦେବଗଡ଼,୨୪।୧୦(ଡି.ଏନ.ଏ)**



ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରାଯାଉଛି।

ତିଲେଇବଣି ବ୍ଲକ ବଣିଆଁକିଲିଣ୍ଡା ଗ୍ରାମ ପଞ୍ଚାୟତ ଠେଲକୋଛାପଲ ଗ୍ରାମର ଜୀବନ ଜ୍ୟୋତି କ୍ଲବ ଆନୁକୂଲ୍ୟରେ କଳାମାଟି ଖେଳ ପଡିଆରେ ଗତ ୨୨ ତାରିଖଠାରୁ ଆରମ୍ଭ ହୋଇଥିବା ଦଶମ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ କୁମଦପାଲି ହକି ଦଳକୁ ଟ୍ରାଇବ୍ରେକର ଜରିଆରେ ୨-୧ ଗୋଲରେ ପରାସ୍ତ କରି କରଡାପାଳ ହକି ଦଳ ଚାମ୍ପିୟନ ହୋଇଛି। ଜୀବନ ଜ୍ୟୋତି କ୍ଲବର ସଭାପତି ପ୍ରମୋଦ ଲାକ୍ରାଙ୍କ ସଭାପତିତ୍ୱରେ ଆୟୋଜିତ ଉଦଯାପନୀ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡି ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳ ଯୋଗଦେଇ ଚାମ୍ପିୟନ କରଡାପାଳ ହକିଦଳ ଓ ରନର୍ସ ଅପ୍ କୁମଦପାଲି ହକି ଦଳକୁ ଯଥାକ୍ରମେ ବଡ ଖାସି ଏବଂ ଛୋଟଖାସି ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଜୀବନ ଜ୍ୟୋତି କ୍ଲବର ସମ୍ପାଦକ ଅଶୋକ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ।

## ସଫେଇ କର୍ମଚାରୀ ସଂଘର କାର୍ଯ୍ୟକାରିଣୀ ବୈଠକ

**ଦେବଗଡ଼, ୨୪।୧୦ (ଡି.ଏନ୍.ଏ.)**

ଓଡ଼ିଶା ସଫେଇ କର୍ମଚାରୀ ମହାସଂଘ ଏବଂ ଦେବଗଡ଼ ସଫେଇ କର୍ମଚାରୀ ସଂଘ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଡ଼ାକବଙ୍ଗଳାଠାରେ କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଫେଇ କର୍ମଚାରୀମାନଙ୍କର ସ୍ଥାୟୀ ନିଯୁକ୍ତି ତଥା ଦେବଗଡ଼ ପୌରପରିଷଦରେ କାର୍ଯ୍ୟରତ କର୍ମଚାରୀଙ୍କର ଭବିଷ୍ୟନିଧି ପାଣ୍ଠିରେ ଜମା କରାଯାଉଥିବା ଅର୍ଥରାଶିର ବାର୍ଷିକ ହିସାବଫର୍ଦ୍ଦ ପ୍ରଦାନ, ଯୋତା, ମାସ୍କ, ସାନିଟାଜର, ୟୁନିଫର୍ମ ଡ୍ରେସ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ଆଦି ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। କର୍ମଚାରୀମାନଙ୍କର ପ୍ରତିଦିନ କାର୍ଯ୍ୟକୁ ଅନୁଧ୍ୟାନ କରାଯାଇ ଦରମାବୃଦ୍ଧି କରାଯିବା ପାଇଁ ରାଜ୍ୟ ସଫେଇ କର୍ମଚାରୀ ମହାସଭା ମାଧ୍ୟମରେ ସରକାରଙ୍କୁ ଦାବିପତ୍ର ଦେବାକୁ ଆଲୋଚନା କରାଯାଇଥିଲା। କରୋନା ମହାମାରୀ ସମୟରେ ସଫେଇ କର୍ମଚାରୀମାନେ ଜୀବନକୁ ବାଜି ଲଗେଇ ସଫେଇ କାର୍ଯ୍ୟ ଠିକ୍ ଭାବରେ ପରିଚାଳନା କରିଥିବାରୁ ଆଗଧାଡ଼ିର ୧ ନମ୍ବର କୋଭିଡ୍ ଯୋଦ୍ଧା ମାନ୍ୟତା ପ୍ରଦାନ କରାଯିବା ପାଇଁ ଦାବି ଉପସ୍ଥାପନା କରାଯାଇଥିଲା। ଦେବଗଡ଼ ପୌରପରିଷଦ ସଫେଇ କର୍ମଚାରୀ ସଭାପତି ଧର୍ମେନ୍ଦ୍ର ଦେବତାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସଫେଇ କର୍ମଚାରୀ ମହାସଭା କାର୍ଯ୍ୟକାରୀ ସଭାପତି ଗୋକୁଳ ମେହେର ଯୋଗ ଦେଇ ସଫେଇ କର୍ମଚାରୀମାନଙ୍କର ଏ ସବୁର ଦାବିଗୁଡ଼ିକୁ ରାଜ୍ୟ ସରକାରଙ୍କୁ ଜଣାଇ ଏହାର ସମାଧାନ କରାଯିବ ବୋଲି ଉପସ୍ଥିତ ପ୍ରାୟ ୧୫୦ ସଫେଇ କର୍ମଚାରୀଙ୍କୁ ଉଦ୍‌ବୋଧନ ଦେଇ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରାମର୍ଶଦାତା ମାର୍କଣ୍ଡେଶ୍ୱର ଶତପଥି, ଆଇନ ପରାମର୍ଶଦାତା ପ୍ରଭା ଚନ୍ଦ୍ର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

## ଇବ୍ ଥର୍ମାଲ ୧ମ ୟୁନିଟ୍‌ରୁ ଉତ୍ପାଦନ ବାଧାପ୍ରାପ୍ତ

**ଝାରସୁଗୁଡା ଅଫିସ୍, ୨୪।୧୦**

ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ (ଓପିଜିସି)ର ବନହରପାଲି ସ୍ଥିତ ଇବ୍‌ତାପଜ ବିଦ୍ୟୁତ୍ କେନ୍ଦ୍ରର ୧ମ ୟୁନିଟ୍‌ରେ ଯାନ୍ତ୍ରିକ ତ୍ରୁଟି ଦେଖାଦେଇଛି। ଫଳରେ ଗତ ଶନିବାର ରାତି ୧୦ଟା ୪୫ରୁ ୨୧୦ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଏନେଇ କମ୍ପାନୀର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହିମାଂଶୁ ବେହେରାଙ୍କୁ ପଚାରିବା ପରେ ସେ କହିଛନ୍ତି, ଷ୍ଟିମ୍ ଲିକେଜ୍ ହେବା ଫଳରେ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ମରାମତି ଚାଲିଛି। ରବିବାର ବିଳମ୍ବିତ ରାତି ମଧ୍ୟରେ ପୁନଃଉତ୍ପାଦନକ୍ଷମ ହେବ ବୋଲି ସେ କହିଛନ୍ତି। ସୂଚନା ଥାଉକି ଗତ ୧୭ ତାରିଖ ମଧ୍ୟରାତ୍ରିରୁ ଇବ୍‌ଥର୍ମାଲ ୩ୟ ୟୁନିଟ୍‌ର ମରାମତି ଚାଲିଥିବାବେଳେ ଏଥିରୁ ୬୬୦ ମେଗାୱାଟ୍ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିଛି।

## ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ: ବରସୁଆଁ ଚାମ୍ପିୟନ

**ଲହୁଣୀପଡ଼ା,୨୪।୧୦(ଡି.ଏନ.ଏ.)**



ଫୁଟବଲ ପ୍ରତିଯୋଗିତା ଆରମ୍ଭ ପୂର୍ବରୁ ଅତିଥିଙ୍କ ସହ ଖେଳାଳି।

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ଶସ୍ୟକଳା ପଞ୍ଚାୟତ ବରସୁଆଁ ହାଇସ୍କୁଲ ଖେଳ ପଡିଆରେ ବିଜୁ ଜନତା ଦଳ ତରଫରୁ ଆୟୋଜିତ ବିଜୁ ପଟ୍ଟନାୟକ ସ୍ମାରକୀ ଦୁଇଦିନିଆ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଉରକେଲା ଜିଲା ବିଜେଡି ସଭାପତି ତଥା ବିଧାୟକ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଡା.ସଞ୍ଜୟ କୁମାର, ବଜରଙ୍ଗ ଅଗ୍ରୱାଲ, ରାମ ନାୟକ, ପୂର୍ବତନ ସରପଞ୍ଚ ମଧୁସୂଦନ ନାଏକ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଯୁବ ଆଇନଜୀବୀ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ ଯୋଗଦେଇଥିଲେ। ସଭା ପ୍ରାରମ୍ଭରେ ରମେଶ ନାଏକ ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ। ଶସ୍ୟକଳା ପଞ୍ଚାୟତ ବିଜେଡି ସଭାପତି ରମେଶ ଚନ୍ଦ୍ର ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶ ଗ୍ରହଣ କରିଥିବାବେଳେ ଫାଇନାଲ ମ୍ୟାଚରେ ଏସଏସ ଶସ୍ୟକଳା ଦଳକୁ ହରାଇ ଏଭରଗ୍ରୀନ ବରସୁଆଁ ଦଳ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଖେଳାଳିମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅତିଥିମାନେ ବକ୍ତବ୍ୟ ଦେବା ସହିତ ବିଜେତା ଓ ଉପବିଜେତା ଦଳକୁ ନଗଦ ରାଶି ସହିତ ଟ୍ରଫି ପ୍ରଦାନ କରିଥିଲେ। ଏହି ଖେଳକୁ ମୋହନ ପାତ୍ର, ଯୁଗଳ କିଷାନ, ସୁଶାନ୍ତ କିଷାନ, ଅଜିତ ମାହାନ୍ତ ପରିଚାଳନା କରିଥିଲେ। ଶସ୍ୟକଳା ସମିତି ସଭ୍ୟ ଆଣ୍ଟୋନି ଟପୋ, ପାତ୍ରସ କଛପ, ରାଜେଶ ବେହେରା, କିଶୋର ଟପୋ, ହେରମନ କାଣ୍ଡିଲା, ଗ୍ରାବିଏଲ ଓରିଆ, ଦୀପାରାଣୀ ଡାଙ୍ଗ, ପୁଷ୍ପା କୁଜୁର, ଶିଲ୍ପା ରାଣୀ ଗୋଛାୟାତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଭା ଶେଷରେ ସୁଧୀର କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ପିଡିଏସ୍ ଚାଉଳ ଚୋରି ଅଭିଯୋଗ: ୨ଗିରଫ

**ଝାରସୁଗୁଡା ଅଫିସ୍,୨୪।୧୦**





ଗିରଫ ୨ଅଭିଯୁକ୍ତ।

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ପଣ୍ଡରୀ ପଞ୍ଚାୟତରୁ ୫୦ବସ୍ତା ଚାଉଳ ଚୋରି ହୋଇଥିବା ନେଇ ସରପଞ୍ଚ ନିର୍ମଳ ମାଝି ଗତ ଶୁକ୍ରବାର ପଞ୍ଚାୟତ ପିଅନଙ୍କ ନାମରେ ଲଖନପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ପୋଲିସ୍ ଲଖନପୁର ଥାନା କେଶ(ନଂ.୧୯୬/୨୧)ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା । ତଦନ୍ତ ପରେ ପଞ୍ଚାୟତ ପିଅନ ବୀରେନ୍ଦ୍ର ପ୍ରଧାନ ଓ ତାଙ୍କର ସହଯୋଗୀ ବିଜ୍ଞାନ ଭୋଇଙ୍କୁ ପୋଲିସ ରବିବାର ଗିରଫକରି କୋର୍ଟ ଚାଲାଣ କରିଛି। ଏମାନଙ୍କ ନିକଟରୁ ପୋଲିସ ୯ବସ୍ତା ଚୋରି ଚାଉଳ ଜବତ କରିଛି। ପୋଲିସ ତଦନ୍ତରୁ ଜଣାପଡିଛି ଯେ, ହିତାଧିକାରୀଙ୍କୁ ଚାଉଳ ବାଣ୍ଟିବା ସମୟରେ ପିଅନ ବୀରେନ୍ଦ୍ର ଗୋଦାମ ଘରର ପଛ କବାଟ ଲକ୍ ନ କରି ସମ୍ମୁଖ କବାଟ ଲକ୍ କରୁଥିଲେ। ପରମୁହୂର୍ତ୍ତରେ ସେ ପଛ କବାଟ ଖୋଲି ଚାଉଳ ଚୋରି କରୁଥିଲେ। ଏଭଳି ସ୍ଥିତିରେ ଗତ ୧୮ତାରିଖରେ ପିଅନ ଗୋଦାମ ଘର ପଛ କବାଟଦେଇ ୨ବସ୍ତା ଚାଉଳ ବାହାରକରି ବାଉଣ୍ଡରୀ ବାହାରକୁ ଫିଙ୍ଗିଥିଲେ । ବାଉଣ୍ଡରୀ ବାହାରେ ଅପେକ୍ଷା କରିଥିବା ବିଜ୍ଞାନ ସେହି ଚାଉଳକୁ ସାଇକେଲରେ ନେଉଥିବାବେଳେ ଲୋକେ ଦେଖିଥିଲେ। ତାପରେ ଘଟଣା ସାମ୍ନାକୁ ଆସିବା ପରେ ଯୋଗାଣ ସହାୟକ ଧିରଜ ସାହୁ ଚାଉଳ ଷ୍ଟକ୍ ଯାଞ୍ଚ କରିଥିଲେ। ତାପରେ ୫୦ବସ୍ତା ଚାଉଳ କମଥିବା ଜଣାପଡିଥିଲା। ଏଭଳି ସ୍ଥିତିରେ ଅଭିଯୁକ୍ତ ପିଅନ ବୀରେନ୍ଦ୍ର ୫୦ବସ୍ତା ଚାଉଳ ନ ନେଇ ୧୦ବସ୍ତା ଚାଉଳ ନେଇଛନ୍ତି ବୋଲି ପୋଲିସ ନିକଟରେ ସ୍ୱୀକାର କରିଛନ୍ତି।

## ରାଜଗାଙ୍ଗପୁର ପାଇଁ ଏମ୍‌ପିଙ୍କ ନୂତନ ପ୍ରତିନିଧି ନିଯୁକ୍ତ

**ରାଜଗାଙ୍ଗପୁର,୨୪।୧୦(ଡି.ଏନ.ଏ.):** ରାଜଗାଙ୍ଗପୁର ବ୍ଲକସ୍ତରରେ ଓ ପୌରପାଳିକା ସ୍ତରରେ ସୁନ୍ଦରଗଡ଼ ସାଂସଦ (ଏମପି) ଜୁଏଲ ଓରାମ ନୂତନ ଭାବେ ତାଙ୍କର ପ୍ରତିନିଧି ନିଯୁକ୍ତି କରିଛନ୍ତି। ପୌରସ୍ତରରେ ଭାଜପା ଟାଉନ ସଭାପତି ଶଙ୍କର ସିଂଙ୍କୁ ଓ ବ୍ଲକ ସ୍ତରରେ କାଂଶବାହାଲ ଅଞ୍ଚଳର ପ୍ରଦୀପ ମିଶ୍ରଙ୍କୁ ନିଯୁକ୍ତି କରିଛନ୍ତି। ନବ ନିଯୁକ୍ତ ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଯାଇଛି।

## ପ୍ରଥମ ପୃଷ୍ଠାରୁ...

### ଚାକିରିରୁ ବିଦାହେଲେ...

ନିରୋଧ ଆଇନ୍‌ରେ ମାମଲା (ନଂ.୧୫୯/୦୫) ରହିଥିଲା। ୨୦୧୦ରେ ଖଣ୍ଡଗିରି ଥାନାରେ ଜମିଜମା ମାମଲା ହୋଇଥିବାବେଳେ ୨୦୧୨ରେ ଶହୀଦନଗର ଥାନାରେ ମାମଲା ନଂ.୨୩୮/୧୨ ଓ ୨୦୧୯ରେ ଏକ ଟ୍ରାକ୍ଟର ଚୋରି ନେଇ ଧଉଳି ଥାନାରେ ଆଉଏକ ମାମଲା ରହିଛି। ସେହିଭଳି ୨୦୧୮ରେ ପ୍ରସନ୍ନ କଟକରେ କାର୍ଯ୍ୟ କରୁଥିବାବେଳେ ଜଣେ ଆଇନଜୀବୀଙ୍କୁ ମାଡ଼ ମାରିଥିଲେ। ଏହା ପ୍ରତିବାଦରେ ଓକିଲ ସଂଘ ଦୀର୍ଘଦିନ ଧରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଏଥିପାଇଁ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କ୍ଷମା ମାଗିବାକୁ ପଡିଥିଲା। ୨୦୨୦ରେ କରୋନା କଟକଣା ସମୟରେ ସଚିବାଳୟ ମାର୍ଗ ନିକଟରେ ପ୍ରସନ୍ନ ମଦ ପିଉଥିବା ଭିଡିଓ ଭାଇରାଲ୍ ହୋଇଥିଲା। ସେତେବେଳେ ମଧ୍ୟ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ପ୍ରସନ୍ନଙ୍କ ଏପରି ଆପରାଧିକ କାର୍ଯ୍ୟ ପାଇଁ ରାଜ୍ୟ ପୋଲିସ ବିବାଦମୁଣ୍ଡାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କେବଳ ନିଲମ୍ବିତ କରାଯାଉଥିବାରୁ ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ବି ଉଠିଥିଲା।

### ବଢୁନି ବିଶ୍ୱବିଦ୍ୟାଳୟ...

ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, କାରଣ ସେମାନଙ୍କୁ ଗାଇଡ୍ କରିବା ପାଇଁ ପ୍ରକୃତ ଲୋକ ନାହାନ୍ତି। ଫଳରେ ବିଶ୍ୱବିଦ୍ୟାଳଗୁଡ଼ିକରେ ଗବେଷଣା ଉପରେ ଅଧିକ ପ୍ରଭାବ ପଡୁଛି। ତେଣୁ ଯଥାଶୀଘ୍ର ସରକାର ଅବସର ବୟସକୁ ୬୦ରୁ ୬୫କୁ ବୃଦ୍ଧି କରିଲେ କେବଳ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନୁହେଁ, ସ୍କଲାରମାନେ ମଧ୍ୟ ବେଶ୍ ଉପକୃତ ହେବେ। ଏଥି ସହିତ ରାଜ୍ୟ ବି ଆଗକୁ ଯିବ। ଏ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ମୁଁ ବି ୬୦ ବର୍ଷରେ ଅବସର ନେଇଛି। ଏ ଦିଗରେ କୌଣସି ପଦକ୍ଷେପ ନେବା ପାଇଁ ମୋ ପାଖରେ କ୍ଷମତା ନାହିଁ। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏ ନେଇ ପଦକ୍ଷେପ ନେଇପାରିବେ। ତେବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କୁ ମୁଁ ଲିଖିତ ନୁହେଁ, ମୌଖିକ ଭାବେ ସହଯୋଗ କରିପାରିବି ବୋଲି ଆଚାର୍ଯ୍ୟ କହିଛନ୍ତି।

### ରାଇବଣିଆ ଦୁର୍ଗ...

ନିର୍ମିତ ଫାଟକ ଏବେ ବି ଦୃଶ୍ୟମାନ ହୁଏ। ଅନ୍ୟ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମତରେ ଏହି ଦୁର୍ଗ ଏକ ସମୟରେ ନିର୍ମିତ ହୋଇ ନ ଥିଲା। ରାଇବଣିଆ ଦୁର୍ଗକୁ କେନ୍ଦ୍ରକରି ୧୦ମାଇଲ ଲମ୍ବରେ ରାଇବଣିଆ କୀର୍ତ୍ତିରାଜି, ପଥରରେ ଖୋଦିତ ମୂର୍ତ୍ତି ବିକ୍ଷିପ୍ତ ଭାବେ ପଡିରହିଛି। ଦୁର୍ଗ ମଧ୍ୟରେ ଓ ଚାରିପଟେ ଏବେ ବି କେତେକ ଅସ୍ତ୍ରଶସ୍ତ୍ର, କମାଣ ଆଦି ବିଭିନ୍ନ ପୋଖରୀ ଖନନରୁ ମିଳୁଛି। ରାଇବଣିଆ ପୀଠଦେବୀଙ୍କୁ ତତ୍କାଳୀନ ମୟୂରଭଞ୍ଜର ରାଜା ନେଇଯାଇ ଖିଚିଂଠାରେ ଅବସ୍ଥାପିତ କରିଥିବା ବାଲେଶ୍ୱର ଗେଜେଟିୟରରୁ ଜଣାପଡେ। ମାତ୍ର ରାଇବଣିଆଗଡର ଆରାଧ୍ୟା ଗଡଚଣ୍ଡୀ ରାଇବଣିଆ ଗ୍ରାମରେ ପୂଜା ପାଉଛନ୍ତି। ଦୁର୍ଗ ମଧ୍ୟରେ ଥିବା ଗଡଚଣ୍ଡୀ କେବଳ ଦୁର୍ଗାପୂଜା ଓ ପଣାସଂକ୍ରାନ୍ତିରେ ପୂଜା ହୁଅନ୍ତି। ଏହାର ମଧ୍ୟସ୍ଥଳରେ ଏକ ଜଗନ୍ନାଥ ମନ୍ଦିର ରହିଛି। ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ କୋଣାର୍କ ମନ୍ଦିରର କୀର୍ତ୍ତି ଓ କଳାକାରିଗରୀ ସହିତ ରାଇବଣିଆଗଡର ଜଗନ୍ନାଥ ମନ୍ଦିର ସମ୍ପର୍କ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରତ୍ନତତ୍ତ୍ୱବିତ ଡ. ଅଶୋକ ମିତ୍ର ଏସିଆଟିକ ସୋସାଇଟିରୁ କିଛି ଅର୍ଥ ଆଣି ସେ ଏହାର ଖନନ ଓ ସର୍ଭେ ଆରମ୍ଭ କରୁଥିଲା ବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ଖନନ କାର୍ଯ୍ୟ ସେତିକିରେ ଅଟକିଯାଇଛି। ଅନ୍ୟ ଜଣେ ଗବେଷକ ସେନଗୁପ୍ତ ଏଠାକୁ ବିଭିନ୍ନ ସମୟରେ ଆସି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ତେବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮-୬୪) ଏହି ଦୁର୍ଗ ନିର୍ମାଣ କରିଥିବା ପ୍ରମାଣ ରହିଛି।

ଦୁର୍ଗ ଅଞ୍ଚଳରେ ପ୍ରାୟ ୫୦ଟି ଛୋଟବଡ ପୋଖରୀ ରହିଛି। ବିଭିନ୍ନ ସ୍ଥାନରେ ଥିବା ଉଚ୍ଚସ୍ଥାନକୁ ଖନନକଲେ ଏବେ ମଧ୍ୟ ଦୁର୍ଗର ଧ୍ୱଂସାବଶେଷ ବାହାରୁଛି। କିନ୍ତୁ ସରକାରଙ୍କ ଦ୍ୱାରା ଏସବୁର ଉଦ୍ଧାର, ସଂଗ୍ରହ କରାଯାଉନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଧାୟକ ଅଶ୍ୱିନୀ ପାତ୍ର, ଦେବୀପ୍ରସନ୍ନ ଚନ୍ଦ, ଇଂ . ରବୀନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା ବିଧାନସଭା ଓ ସଂସଦରେ ଦାବି ଉପସ୍ଥାପନ କରିବା ପରେ ୨୦୧୪ ମସିହାରୁ ୫୪ଲକ୍ଷ ଟଙ୍କା ବ୍ୟୟରେ ଜଗନ୍ନାଥ ମନ୍ଦିରର ନିର୍ମାଣ ଚାଲିଛି। କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ ନେଇ ମନ୍ଦିର ପାଚେରି ନିର୍ମାଣ କରାଯାଇଥିଲେ ମଧ୍ୟ ଏବେ ତା'ର ସୁରକ୍ଷା ଜରୁରୀ ହୋଇପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଇବଣିଆଗଡକୁ ଯିବା ଲାଗି ୧୭ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ମୁଖ୍ୟ ଫାଟକ ନିର୍ମାଣ ଲାଗି ୫୦ଲକ୍ଷ ଟଙ୍କା ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ୨୫ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି। ପର୍ଯ୍ୟଟକଙ୍କ ରାତ୍ରକାଳୀନ ଗମନାଗମନ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୫ଲକ୍ଷ ଟଙ୍କା ବ୍ୟୟରେ ଆଲୋକୀକରଣ ଓ ପାନୀୟ ଜଳ ଲାଗି ୧୬ଲକ୍ଷ ଟଙ୍କା ବ୍ୟୟ ଅଟକଳ ହାତକୁ ନିଆଯାଇଛି। ରୁର୍ବାନ ଯୋଜନାରେ ୫୦ଲକ୍ଷ ଟଙ୍କା ବ୍ୟୟରେ ପାଚେରି, ପାର୍କ ଓ ପିଣ୍ଡି ଆଦି ନିର୍ମାଣ ସହିତ ୨୮ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ହଲ୍ ନିର୍ମାଣର ଯୋଜନା ରହିଛି। ଦୁର୍ଗର ବହୁ ଅଂଶ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ମଧ୍ୟକୁ ପ୍ରବେଶ କରିବା ସମ୍ଭବ ହୋଇପାରୁନାହିଁ। ପର୍ଯ୍ୟଟନ ବିଭାଗ ଏହାର ବିକାଶ ଲାଗି ଗୁରୁତ୍ୱ ଦେଲେ ରାଇବଣିଆ ଅଞ୍ଚଳର ଲୋକଙ୍କ ଆର୍ଥିକ ବିକାଶ ହୋଇପାରନ୍ତା ବୋଲି ରାଇବଣିଆଗଡ ସୁରକ୍ଷା କମିଟି ସମ୍ପାଦକ ତଥା ଗବେଷକ ଶ୍ରୀକାନ୍ତ ଚରଣ ପାତ୍ର, ସଭାପତି ପ୍ରଫୁଲ୍ଲ ସୁର, ଗଡ ଉନ୍ନୟନ କମିଟି ସଭାପତି ବ୍ରିଜେଶ ରଣା, ସାଧାରଣ ସମ୍ପାଦକ ସୁକୁମାର ପ୍ରଧାନ, ସମ୍ପାଦକ ବସନ୍ତ ଘୋଷ, ସଞ୍ଜୀବ ସାମଲ, ଗଙ୍ଗାଧର ଦାସ ପ୍ରମୁଖ ମତ ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ରାଇବଣିଆ ଦୁର୍ଗର ବିକାଶ ଲାଗି ଏକ ମାଷ୍ଟରପ୍ଲାନର ଆବଶ୍ୟକ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମାଷ୍ଟରପ୍ଲାନ ଆସିଲେ ରୁର୍ବାନ ଯୋଜନାରେ ମିଳିବାକୁ ଥିବା ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଦୁର୍ଗର ବିକାଶ କରାଯାଇପାରିବ।

## ସଂକ୍ଷେପରେ

### ଡିଭାଇଡ଼ରକୁ ପିଟିଲା ମିନିଟ୍ରକ୍




**ରାଉରକେଲା ଅଫିସ,୨୪।୧୦:** ରାଉରକେଲା ସେକ୍ଟର-୩ ଥାନା ଅଞ୍ଚଳରେ ଏକ ମିନିଟ୍ରକ୍ ରବିବାର ଭାରସାମ୍ୟ ହରାଇ ରିଙ୍ଗରୋଡ୍ ଡିଭାଇଡରରେ ପିଟି ହୋଇଛି। ଫଳରେ ଡିଭାଇଡ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିବା ବେଳେ ଗାଡ଼ିର ସମ୍ମୁଖ ଭାଗ ନଷ୍ଟ ହୋଇଛି। ଟ୍ରକ ଡ୍ରାଇଭର ଫେରାର ଅଛନ୍ତି। ପୋଲିସ ଗାଡି ଜବତ କରି ତଦନ୍ତ ଜାରି ରଖିଛି। ସୂଚନା ଅନୁସାରେ, ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ଉକ୍ତ ମିନିଟ୍ରକ୍ (ନଂ.ଓଡ଼ି୧୪କିୟୁ/୭୧୨୭) ଡେଲିମାର୍କେଟ ଅଞ୍ଚଳରୁ କୌଣସି କାମ ପାଇଁ କୋଏଲନଗର ଅଭିମୁଖେ ଦ୍ରୁତ ଗତିରେ ଯାଇଥିଲା। ସେକ୍ଟର-୩ ମହିଳା କଲେଜ ଛକ ଡିଭାଇଡର ଉପରେ ଗାଡି ଚାଳକ ଭାରସାମ୍ୟ ହରାଇ ଟ୍ରକ୍‌କୁ ଚଢ଼ାଇ ଦେଇଥିଲେ।

### ରକ୍ତଦାନ ଶିବିର: ୨୫ ୟୁନିଟ୍ ସଂଗ୍ରହ

**ରାଉରକେଲା ଅଫିସ,୨୪।୧୦:** ରାଉରକେଲା କଳାକାର ସଂଘ ପକ୍ଷରୁ ସେକ୍ଟର-୯ ସ୍ଥିତ କମ୍ୟୁନିଟି ସେଣ୍ଟରରେ ରବିବାର ସଭାପତି ଶଙ୍କର ଜେନାଙ୍କ ଅଧ୍ୟକ୍ଷତାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ରାଉରକେଲାର ବହୁ କଳାକାର ଯୋଗ ଦେଇ ରକ୍ତଦାନ କରିଥିବା ବେଳେ ୨୫ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ କରାଯାଇଥିଲା। ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍) ରକ୍ତ ଭଣ୍ଡାର କର୍ମକର୍ତ୍ତା ଶିବିର ପରିଚାଳନା କରିଥିଲେ। ଶ୍ରୀକାନ୍ତ ବାରିକ, ମନୋଜ କୁମାର ସେଠୀ, ଲୁଲୁ ମହାପାତ୍ର, ପିଙ୍କିରାଣୀ ପଣ୍ଡା, ଜୟନ୍ତ ମଲ୍ଲିକ, ବିଭୂତି ସାହୁ, ମନୋଜ ବେହେରାଙ୍କ ସମେତ ବହୁ କଳାକାର ଉପସ୍ଥିତ ଥିଲେ।

### ମଜୁରି ଟଙ୍କା ନେଇ ମାରପିଟ: ୩ ଗିରଫ

ସମ୍ବଲପୁର,୨୪।୧୦(ବ୍ୟୁରୋ)-ସମ୍ବଲପୁର ଜିଲା ଟାମ୍ପରଗଡ ପଞ୍ଚାୟତ ତିଲେଇମାଲ ଗ୍ରାମରେ ମଜୁରି ଟଙ୍କାକୁ ନେଇ ମାରପିଟ ହୋଇଛି । ଏହି ଘଟଣାରେ ପୋଲିସ ପୃଥକ ପୃଥକ ୨ଟି ମାମଲା ରୁଜୁ କରିଛି । ଗୋଟିଏ ପକ୍ଷ ସୁଶାନ୍ତ ମୁଣ୍ଡାଙ୍କ ଅଭିଯୋଗ କ୍ରମେ ସ୍ୱାଗତ ମୁଣ୍ଡା ଓ ଅଶୋକ ମୁଣ୍ଡାଙ୍କୁ ଗିରଫ କରିଛି । ସେହିପରି ସ୍ୱାଗତଙ୍କ ଅଭିଯୋଗ କ୍ରମେ ସୁଶାନ୍ତଙ୍କୁ ଗିରଫ କରାଯାଇଛି । ୩ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ସୁଶାନ୍ତ ଓ ସ୍ୱାଗତ ଜଣେ ମାଲିକଙ୍କ ପାଖରେ କାମ କରନ୍ତି । ଶନିବାର ମଜୁରି ଟଙ୍କା ମିଳିଥିଲା। ହେଲେ ଖୁଚୁରା ନ ଥିବାରୁ ଉଭୟଙ୍କ ମଧ୍ୟରେ ଭାଗବଣ୍ଟା ହୋଇ ପାରି ନ ଥିଲା । ତେଣୁ ଏହାକୁ ନେଇ ମାରପିଟ ହୋଇ ଯାଇଥିଲା ।

### ରେଲୱେ ଷ୍ଟାଡିୟମରେ କ୍ରିକେଟ ମ୍ୟାଚ
### ଆର୍‌ପିଏଫ୍ ଏକାଦଶ ବିଜୟୀ



**ସମ୍ବଲପୁର,୨୪।୧୦(ବ୍ୟୁରୋ):** ସମ୍ବଲପୁର ରେଲବାଇ ଷ୍ଟାଡିୟମରେ ରବିବାର ଆରପିଏଫ ଏକାଦଶ ଓ ଜିଲା ପୋଲିସ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଏସ୍‌ପି ବାତୁଲା ଗଙ୍ଗାଧରଙ୍କ ନେତୃତ୍ୱରେ ଜିଲା ପୋଲିସ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲେ। ଜବାବରେ ଆରପିଏଫ ଏକାଦଶ ଡିଏସପି ଅନୁପ ଗୋରିଂକାଙ୍କ ନେତୃତ୍ୱରେ ବ୍ୟାଟିଂ କରି ୧୪.୧ ଓଭରରେ ୪ଟି ଉଇକେଟ ହରାଇ ବିଜୟ ହୋଇଥିଲେ। କ୍ରୀଡା ଅଧିକାରୀ ଡ. ମନୋଜ ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ପ୍ରଦୀପ କୁମାର, ଅତିରିକ୍ତ ରେଳ ମଣ୍ଡଳ ପ୍ରବନ୍ଧକ ଆନନ୍ଦ ସିଂ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

# କଚ୍ଛପ ଗତିରେ ୯୬ କୋଟିର ପ୍ରକଳ୍ପ

**ସମ୍ବଲପୁର,୨୪।୧୦(ବ୍ୟୁରୋ)**

- ଜଳ ଯୋଗାଣ ଅପେକ୍ଷାରେ ଗ୍ରାମବାସୀ
- ୯ ପଞ୍ଚାୟତର ୧୧୫ ଗ୍ରାମବାସୀ ପ୍ରଭାବିତ
- କାମରେ ବିଳମ୍ବ, ଧାର୍ଯ୍ୟ ସମୟ ସୀମା ବୃଦ୍ଧି

ସମ୍ବଲପୁର ଜିଲା ରେଢାଖୋଲ ବ୍ଲକରେ ମେଗା ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ କାମ ଆରମ୍ଭ ହୋଇଛି । ହେଲେ ୯୬ କୋଟି ଟଙ୍କାର ଏହି ପ୍ରକଳ୍ପ କାମ କଛପ ଗତିରେ ଚାଲିଛି । ଏହାମଧ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ସମୟ ସୀମାକୁ ୧ ବର୍ଷ ବୃଦ୍ଧି କରିଛି ବିଭାଗ । କୋଭିଡ କଟକଣା ଓ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଇଁ ଜମି ଅଧିଗ୍ରହଣ ସମସ୍ୟାକୁ ଆଳ କରିଛି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ । କିନ୍ତୁ ବାସ୍ତବରେ ଠିକାସଂସ୍ଥା ଓ ବିଭାଗର ଅବହେଳା ଯୋଗୁ ବିଳମ୍ବ ହେଉଥିବା ନେଇ ଅଭିଯୋଗ ହେଉଛି । ୨୦୨୧ ଡିସେମ୍ବର ସୁଦ୍ଧା ଅର୍ଥାତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏହି ପ୍ରକଳ୍ପ ଲୋକାର୍ପଣ କରିବାର ଲକ୍ଷ୍ୟ ରଖା ଯାଇଥିଲା । ହେଲେ ନିର୍ଦ୍ଧାରିତ ସମୟ ଭିତରେ କାମ ସରିବା ନେଇ ଅନିଶ୍ଚୟତା ଦେଖାଦେଇଛି । କାରଣ କେବଳ ପାଇପ ବିଛା କାମ ପ୍ରାୟ ୮୦ ପ୍ରତିଶତ ଶେଷ ହୋଇଥିବା ବେଳେ ୧୪ ଗୋଟି ଓଭର ହେଡ ୱାଟର ଟ୍ୟାଙ୍କରୁ ମାତ୍ର ୪ ଗୋଟି ସମ୍ପୂର୍ଣ୍ଣ ହୋଇଛି । ସେହିପରି ଇନେଟେକ ୱେଲର କାମ ମଧ୍ୟ ୪୦ ପ୍ରତିଶତ ବାକି ରହିଛି । ତେଣୁ ଧାର୍ଯ୍ୟ ସମୟରେ ଶେଷ ହେବା ଆଶା ମଉଳି ଯାଇଛି । ଜଳଯୋଗାଣ ଅପେକ୍ଷାରେ ଏବେ ଗ୍ରାମବାସୀ ରହିଛନ୍ତି । ୯ ପଞ୍ଚାୟତର ୧୧୫ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପ୍ରକଳ୍ପ ବିଳମ୍ବରୁ ପ୍ରଭାବିତ ହେଉଛନ୍ତି । ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ଶେଷ ହେବାର ସମୟ ସୀମାକୁ ୨୦୨୨ ଡିସେମ୍ବରକୁ ବୃଦ୍ଧି ହୋଇଛି । ହେଲେ ଯେଭଳି ଭାବେ କାମ ଚାଲିଛି ବୃଦ୍ଧି କରାଯାଇଥିବା ସମୟ ଭିତରେ ଏହା ସମ୍ପୂର୍ଣ୍ଣ ହେବ ନାହିଁ ବୋଲି ଆଲୋଚନା ହେଉଛି । ଆଗକୁ ପଞ୍ଚାୟତ ନିର୍ବାଚନ ରହିଛି । ଏହି ପ୍ରକଳ୍ପ ବିଳମ୍ବ ଯୋଗୁ ନିର୍ବାଚନରେ ଏହାର ପ୍ରଭାବ ପଡିପାରେ ବୋଲି ଚର୍ଚ୍ଚା ହେଉଛି । ଏ ନେଇ ବିଭାଗୀୟ ଏସଡିଓ ମାନସ ରଞ୍ଜନ ପରିଡା କହିଛନ୍ତି ଯେ, କୋଭିଡ ଯୋଗୁ ଶ୍ରମିକ ସମସ୍ୟା ହୋଇଥିଲା । ତେଣୁ କାମରେ ବିଳମ୍ବ ହେଉଛି । ଏହାସହ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ପାଇଁ ଆବଶ୍ୟକ ପଡୁଥିବା ଜମି ସମସ୍ୟା ରହିଥିଲା । ବନ ବିଭାଗର ମଞ୍ଜୁର ପାଇଁ ସମସ୍ୟା ହେଉଥିଲା । ଏବେ କାମ ଦ୍ରୁତ ଗତିରେ ଚାଲିଛି । ବିଭିନ୍ନ କାରଣରୁ ବିଳମ୍ବ ହୋଇଥିଲେ ମଧ୍ୟ ୨୦୨୨ ଡିସେମ୍ବର ସୁଦ୍ଧା ଶେଷ ହେବ ବୋଲି କହିଥିଲେ ।

ସୂଚନାଯୋଗ୍ୟ, ରେଢାଖୋଲ ବ୍ଲକରେ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ୯୬ କୋଟି ଟଙ୍କା ମଞ୍ଜୁର କରିଥିଲେ । କଦଳୀଗଡ ଠାରେ ୬ ମିଲିୟନ ଲିଟର କ୍ଷମତା ବିଶିଷ୍ଟ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ରହିବ । ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ବୁର୍ଡା, ଲୁହାପଙ୍କ, କଦଳୀଗଡ, ବଡବାହାଲ, ଭରତପୁର, ଚରମାଲ, କୁକୁଡା ବାହାଲି, ବଣ୍ଟଜାଲ, ତ୍ରିବଣପୁର ପଞ୍ଚାୟତବାସୀ ଉପକୃତ ହେବେ । ସମୁଦାୟ ୧୪ ଗୋଟି ଓଭର ହେଡ ଟ୍ୟାଙ୍କ ରହିଛି । ଅନୁଗୋଳ ଜିଲା କିଆକଟା ମହାନଦୀରୁ ୧୦ କିମି କଦଳୀଗଡ ୱାଟର ଟ୍ୟାଙ୍କକୁ ପାଣି ଯୋଗାଣ ହେବ । ପରେ ୧୧୫ ରୁ ଅଧିକ ଗ୍ରାମକୁ ଜଳ ଯୋଗାଣ କରାଯିବ। ୧୫ ହଜାରରୁ ଅଧିକ ପରିବାର ପାଖରେ ସ୍ୱଚ୍ଛ ପାନୀୟ ଜଳ ପହଞ୍ଚିବା ନେଇ ଯୋଜନା ରହିଛି । ହେଲେ ଠିକା କମ୍ପାନୀ ଯେଭଳି ଭାବେ କାମ କରୁଛି ଧାର୍ଯ୍ୟ ସମୟ ଭିତରେ ସମ୍ପୂର୍ଣ୍ଣ ହେବ ନା ଅନ୍ୟ ପ୍ରକଳ୍ପ ଭଳି ଜନସାଧାରଣ ଅପେକ୍ଷା କରି ଦିନ କାଟିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ସମ୍ବଲପୁର ରେଢାଖୋଲରେ ନିର୍ମାଣାଧୀନ ମୋଗା ପାନୀୟ ଜଳ ପ୍ରକଳ୍ପ ।

### ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ
## ଅଇଁଠାପାଲି ଭିଏସଏସ ଚାମ୍ପିୟନ

**ସମ୍ବଲପୁର,୨୪।୧୦(ବ୍ୟୁରୋ)**

ଜିଲା କ୍ରୀଡା ସଂଘ ଆୟୋଜିତ ଜିଲାସ୍ତରୀୟ ଡା.ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି । ଅଇଁଠାପାଲି ଭିଏସଏସ ଦଳ ଚାମ୍ପିୟନ ଓ କୁରେଇଟୋଲା ଭାରତ କ୍ଲବ ରନର୍ସଅପ ଟ୍ରଫି ହାସଲ କରିଛି । ରବିବାର ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଫାଇନାଲ ମ୍ୟାଚ ଅଇଁଠାପାଲି ଭିଏସଏସ ବନାମ କୁରେଇଟୋଲା ମଧ୍ୟରେ ସଂଘର୍ଷପୂର୍ଣ୍ଣ ହୋଇଥିଲା । ମ୍ୟାଚ ପ୍ରାରମ୍ଭରୁ ଦୁଇ ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ । କିନ୍ତୁ ଫିନିଶିଂ ଅଭାବରୁ ଗୋଲ ସ୍କୋର କରିପାରି ନ ଥିଲେ । ମ୍ୟାଚର ୫୦ତମ ମିନିଟରେ ଭିଏସଏସ ଖେଳାଳିମାନେ ରଣନୀତିରେ ପରିବର୍ତ୍ତନ କରିଥିଲେ । ଫଳସ୍ୱରୂପ ମ୍ୟାଚର ୫୧ତମ ମିନିଟରେ ଭିଏସଏସ ଖେଳାଳି ଆକାଶ ଓରାମ ଏକ ଗୋଲ ସ୍କୋର କରି ଦଳକୁ ବିଜୟୀ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ମ୍ୟାଚ ରେଫରି କାର୍ତ୍ତିକ ଓରାମ ଖେଳ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ରାଜାରାମ ଓରାମ ଓ ଯୋଗେନ୍ଦ୍ର ଓରାମ ସହଯୋଗ କରିଥିଲେ । ମଥୁରା ଓରାମ ଚତୁର୍ଥ ରେଫରି ଓ ଲକ୍ଷ୍ମଣ କୁମାର ନାଥ ମ୍ୟାଚ କମିଶନର ଥିଲେ । ଜିଲାକ୍ରୀଡା ସଂଘ ଫୁଟବଲ ସଂପାଦକ ଅବଦୁଲ ଗଫାରଙ୍କ ପରିଚାଳନା ଓ ମନୋରଞ୍ଜନ ପାଢୀଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା ।

## ଏନ୍‌ଜେସିଏସ୍ ବିଶ୍ୱସନୀୟତା ହରାଇଛି: ବିଏମ୍‌ଏସ୍



ଖବରଦାତା ସମ୍ମିଳନୀରେ ମଞ୍ଚାସୀନ ସଂଘର କର୍ମକର୍ତ୍ତା ।

**ରାଉରକେଲା ଅଫିସ,୨୪।୧୦**

ରାଉରକେଲା ସେକ୍ଟର-୪ ସ୍ଥିତ ବିଶ୍ୱକର୍ମା ଭବନ ପରିସରରେ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ପକ୍ଷରୁ ରବିବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। କିଛି ଶ୍ରମିକ ନେତାଙ୍କ ଦୋମୁହାଁ ନୀତି ଯୋଗୁ ନ୍ୟାଶନାଲ ଜଏଣ୍ଟ କମିଟି ଫର ଷ୍ଟିଲ (ଏନ୍‌ଜେସିଏସ୍) ବିଶ୍ୱସନୀୟତା ହରାଇଛି ବୋଲି ସମ୍ମିଳନୀରେ ଅଧ୍ୟକ୍ଷ ହିମାଂଶୁ ଶେଖର ବଳ ଅଭିଯୋଗ କରିଛନ୍ତି। ଅକ୍ଟୋବର ୨୧ ଓ ୨୨ ତାରିଖରେ ନୂଆଦିଲ୍ଲୀରେ ହୋଇଥିବା ଏନ୍‌ଜେସିଏସ୍ ବୈଠକରେ ସର୍ବସମ୍ମତ ନିଷ୍ପତ୍ତିକୁ ଅଣଦେଖା କରାଯାଇଛି। ଏହି ଚୁକ୍ତିନାମା ଶ୍ରମିକଙ୍କ ବିରୋଧରେ କରାଯାଇଥିବାରୁ ସେଥିରେ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ ଦସ୍ତଖତ କରିନାହିଁ । ତେବେ ଏହି ଚୁକ୍ତିନାମାକୁ ବିରୋଧ କରି ପୁନଃ ନୂତନ ଚୁକ୍ତିନାମା କିପରି ହୋଇପାରିବ ସେ ନେଇ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ସଂଘ ପକ୍ଷରୁ ନୂତନ ରଣନୀତି ସ୍ଥିର କରାଯିବ ବୋଲି ଅଧ୍ୟକ୍ଷ ବଳ କହିଛନ୍ତି। ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ପ୍ରଦୋଷ ପଣ୍ଡା, ରାଜେନ୍ଦ୍ର ନାଥ ମହାନ୍ତି, ସୁରେନ୍ଦ୍ର କଂସାରୀ, ସମିତା ମିଶ୍ର, ସରୋଜ ପଣ୍ଡା, ଉମାକାନ୍ତ ସାମାଲ, ଲଳିତ ଜେନା, ଗୁରଚରଣ ମହାନ୍ତି, ଶିଶିର ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡି କର୍ମୀ ସମ୍ମିଳନୀ
## ଦଳୀୟ ସଂଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱ

**ନାକଟିଦେଉଳ,୨୪।୧୦(ଡ଼ି.ଏନ.ଏ.)**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଯୋରୀ ଗ୍ରାପର ଆଭ୍ୟନ୍ତରୀଣ କୁଡ଼ାନାଳୀ ଗ୍ରାମରେ ରବିବାର ଦିନ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ନିର୍ବାଚନ ଯେତିକି ପାଖେଇ ଆସୁଛି ନାକଟିଦେଉଳ ଅଞ୍ଚଳରେ ରାଜନୈତିକ ଉଷ୍ମତା ସେତିକି ବୃଦ୍ଧି ପାଇବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ରେଢାଖୋଲ ବିଧାୟକ ତଥା ସରକାରୀ ଦଳର ଉପମୁଖ୍ୟ ସଚେତକ ଇଂ. ରୋହିତ ପୂଜାରୀଙ୍କ ନିର୍ଦ୍ଦେଶ କ୍ରମେ କୁଡ଼ାନାଳୀ ଗ୍ରାମରୁ ପଞ୍ଚାୟତ ନିର୍ବାଚନ ପାଇଁ କର୍ମୀ ସମ୍ମିଳନୀର ଶୁଭାରମ୍ଭ କରାଯାଇଛି । ଏଥିରେ ବ୍ଲକ ବିଜେଡ଼ି ସଭାପତି ମୁଳିଆ ରାଉଳ ସଭାପତିତ୍ୱ କରିଥିଲେ । ତୃଣମୂଳ ସ୍ତରରୁ ଦଳୀୟ ସଂଗଠନକୁ ମଜଭୂତ କରିବା ଉପରେ ଗୁରୁତ୍ୱାରୋପ କରାଯିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳୀୟ ସମର୍ଥିତ ପ୍ରାର୍ଥୀମାନେ କିପରି ବିଜୟ ଲାଭ କରିପାରିବେ ସେ ନେଇ ଆଲୋଚନା ହୋଇଥିଲା । ଏଥିସହିତ ଅଞ୍ଚଳର ଦଳୀୟ କର୍ମୀ ମାନଙ୍କ ମତାମତ ଲୋଡ଼ା ଯାଇ ପ୍ରାର୍ଥୀ ଦେବାକୁ ମତ ପ୍ରକାଶ ପାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରମେଶ ପ୍ରଧାନ, ରାହୁଲ ପ୍ରଧାନ, ସୁବ୍ରତ ମାଝୀ, ପ୍ରଫୁଲ୍ଲ ମାଝୀ, ସଞ୍ଜୀବ ପ୍ରଧାନ, ବଜମୋହନ ମାଝୀ, ଜାମୁଯୋରୀ ସମିତି ସଭ୍ୟ ସାଗର କୁମାର ସାହୁ, ଜାମୁଯୋରୀ ଗ୍ରା.ପ. ବିଜେଡ଼ି ସଭାପତି ସୁଧାଂଶୁ ଶେଖର ବେରା ପ୍ରମୁଖ ଯୋଗଦେଇ ମତାମତ ରଖିଥିଲେ ।




## ଏସ୍‌ୟୁ ୱେବସାଇଟ ହ୍ୟାକ୍ : କର୍ତ୍ତୃପକ୍ଷଙ୍କ ଖଣ୍ଡନ

**ସମ୍ବଲପୁର,୨୪।୧୦(ବ୍ୟୁରୋ)**

ସମ୍ବଲପୁର ବିଶ୍ୱ ବିଦ୍ୟାଳୟ(ଏସୟୁ)ର ଅଭିଯୋଗ ପାଇଁ ଖୋଲା ଯାଇଥିବା ୱେବସାଇଡ ହ୍ୟାକ୍ ହୋଇଥିବା ନେଇ ଚର୍ଚ୍ଚା ହେଉଛି । ହେଲେ ହ୍ୟାକ୍ ଘଟଣାକୁ ଏସୟୁ କର୍ତ୍ତୃପକ୍ଷ ଖଣ୍ଡନ କରିଛନ୍ତି । ରେଜିଷ୍ଟ୍ରାର ନୃପରାଜ ସାହୁ କହିଛନ୍ତି ଯେ, ବିଶ୍ୱ ବିଦ୍ୟାଳୟ ଏକ ଶିକ୍ଷାନୁଷ୍ଠାନ । ଏଥିରେ କୌଣସି ଗୁପ୍ତ ସୂଚନା ନାହିଁ । ହ୍ୟାକ୍ କଲେ ବୈଦେଶିକ ଶତ୍ରୁ କିମ୍ବା କାହାକୁ ଲାଭ ମିଳିବ ନାହିଁ । ତେଣୁ ହ୍ୟାକ୍ ହୋଇ ନାହିଁ । ଭାଇରସ୍ ହୋଇଯାଇ ଥାଇପାରେ ବୋଲି କହିଥିଲେ । ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବହୁ ସଂଖ୍ୟକ ମହାବିଦ୍ୟାଳୟରେ ଏବେ ନାମଲେଖା ଚାଲିଛି । ଏହି ସମୟରେ ବିଶ୍ୱବିଦ୍ୟାଳୟର ଅଭିଯୋଗ ଶୁଣାଣି ୱେବ ସାଇଡ ହ୍ୟାକ୍ ହୋଇଯାଇଛି । ହ୍ୟାକରରେ ହେକ ବାୟେ ଡେଭିଡ କିଲର ଓ ଶେଷରେ ଏଣ୍ଡ ଅଲ ପାକିସ୍ତାନୀ ବୋଲି ଉଲ୍ଲେଖ ରହିଥିବା କୁହାଯାଉଛି । ତେଣୁ ଘଟଣା ସତ ହୋଇଥିଲେ ବଡ ବିପଦ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ଏସୟୁ ୱେବ ସାଇଡ ପରିଚାଳନା ପାଇଁ ହାଇଦ୍ରାବାଦର ଏକ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି । ତେଣୁ କମ୍ପାନୀର ଅବହେଳା ଯୋଗୁ ଘଟଣା ହୋଇ ଥାଇପାରେ ବୋଲି ଅଭିଯୋଗ ହୋଇଛି । ତେଣୁ ଏସୟୁ କର୍ତ୍ତୃପକ୍ଷ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କରିବାକୁ ଦାବି ହେଉଛି । ୱେବସାଇଡରେ ଛାତ୍ରୀଛାତ୍ର, କର୍ମଚାରୀଙ୍କ ସହ ବିଶ୍ୱ ବିଦ୍ୟାଳୟର ସମସ୍ତ ସୂଚନା ରହିଛି ।

## ଶହେ ମିଟର ଦୌଡ଼ରେ ପ୍ରିୟଙ୍କାଙ୍କୁ କାଂସ୍ୟ ପଦକ

**ରାଉରକେଲା ଅଫିସ,୨୪।୧୦**

ବମ୍ବେରେ ଆୟୋଜିତ ଆରପିଏଫ୍‌ର ୨୮ତମ ଅଖିଳ ଭାରତୀୟ ଚାମ୍ପିୟନସିପ୍‌ରେ ରାଉରକେଲାର ଝିଅ ପ୍ରିୟଙ୍କା ରାଉତ ଶହେ ମିଟର ଦୌଡ଼ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରି ସୁନ୍ଦରଗଡ଼ ଜିଲା ତଥା ରାଉରକେଲା ସହର ପାଇଁ ଗୌରବ ଅର୍ଜନ କରିଛନ୍ତି। ପ୍ରିୟଙ୍କା କଲିକତାର ହୁଗୁଳି ଜିଲା ଭଦ୍ରେଶ୍ୱର ଗ୍ରାମର ହୋଇଥିବା ବେଳେ ଦୀର୍ଘ ଦିନ ଧରି ସେ ରାଉରକେଲା ରେଲୱେ ଆରପିଏଫ୍‌ରେ କନଷ୍ଟେବଲ ଭାବେ କାମ କରିଆସୁଛନ୍ତି। ଏହି ଚାମ୍ପିୟନସିପ୍‌ରେ ଭାରତର ୧୬ଟି ରେଳ ଜୋନ୍‌ର ୩୧୮ ଜଣ ଖେଳାଳି ଭାଗ ନେଇଥିଲେ। ସେଥିରେ ପ୍ରିୟଙ୍କା କାଂସ୍ୟ ପଦକ ଜିତିଥିବାବେଳେ ଦୁଇ ଶହ ମିଟର ଦୌଡ଼ ପ୍ରତିଯୋଗିତାରେ ଚକ୍ରଧରପୁରର ପ୍ରଗତି ଶର୍ମା ଗୋଲ୍‌ଡ ମେଡାଲ ଜିତିଛନ୍ତି। ଏ ନେଇ ରାଉରକେଲା ଦକ୍ଷିଣ-ପୂର୍ବ ରେଲୱେର ଜନସମ୍ପର୍କ ଅଧିକାରୀ ନିରଜ କୁମାର ଓ ଆରପିଏଫ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କୌଳିକ ବୃତ୍ତିକୁ ନେଇ ପ୍ରତିଯୋଗିତା

**ସମ୍ବଲପୁର,୨୪।୧୦(ବ୍ୟୁରୋ)**

ଆଧୁନିକ ସମାଜରେ ବିଭିନ୍ନ କାରଣରୁ କୌଳିକ ବୃତ୍ତିରୁ ଦୂରେଇ ଯାଉଛନ୍ତି କୁମ୍ଭାର ପରିବାର । ତେଣୁ ଏହାକୁ ବଞ୍ଚାଇ ରଖିବାକୁ ପ୍ରୟାସ କରି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି ସମ୍ବଲପୁର ଜିଲା ଝୁଝୁମୁରା ବ୍ଲକ ଅନ୍ଦାରୀ ଗ୍ରାମରେ । ଏଥିପାଇଁ ଗ୍ରାମର ସଞ୍ଜୀବ ବିଶ୍ୱାଳ ଅଭିନବ ଚେଷ୍ଟା କରିଛନ୍ତି । ଗ୍ରାମରେ ୧୨ ଜଣ କୁମ୍ଭାର (କାରିଗର )ଙ୍କୁ ନେଇ ଦୀପ ତିଆରି କରିବା ପ୍ରତିଯୋଗିତା କରିଛନ୍ତି । ପ୍ରଥମ,ଦ୍ୱିତୀୟ,ତୃତୀୟ ସ୍ଥାନ ଅଧିକାର କରିଥିବା ସଦସ୍ୟଙ୍କୁ ଟ୍ରଫି ସହ ଆର୍ଥିକ ରାଶି ପୁରସ୍କାର ଦେଇଛନ୍ତି । ଏହି ଘଟଣା ପ୍ରଚାର ହେବା ପରେ ଏବେ ସଞ୍ଜୀବଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି । ସଞ୍ଜୀବଙ୍କ କହିବା ଅନୁସାରେ କୌଳିକ ବୃତ୍ତି ଲୋପ ପାଇଯାଉଛି । ଆଗକୁ ଦୀପାବଳି ଆସୁଛି । ଏହି ସମୟରେ କୁମ୍ଭାର ପରିବାର କିଛି ରୋଜଗାର କରିବାର ସୁଯୋଗ ପାଇଥାଏ । ହେଲେ ଦୀପାବଳିକୁ ଦୃଷ୍ଟିରେ ରଖି ଚାଇନା ତିଆରି ବିଭିନ୍ନ ବିଦ୍ୟୁତ ଉପକରଣ ବଜାରରେ ମିଳୁଛି । ଏହାକୁ କିଣି ଦୀପାବଳିରେ ଲୋକମାନେ ବ୍ୟବହାର କରୁଛନ୍ତି । ତେଣୁ କୁମ୍ଭାର ତିଆରି ମାଟି ଦୀପଗୁଡିକର ବିକ୍ରି ପରିମାଣ କମି ଯାଉଛି । ପରିବାର ପରିଶ୍ରମ ଅନୁସାରେ ଲାଭ ପାଇ ପାରୁନାହାନ୍ତି । ବୃତ୍ତିରୁ ଦୁରେଇ ଯାଉଛନ୍ତି । ସେମାନଙ୍କ ମନରେ ଉତ୍ସାହ ଓ ବୃତ୍ତିକୁ ବଞ୍ଚାଇବାକୁ ଏହି ପ୍ରୟାସ କରାଯାଇଛି । ଦୀପ ତିଆରି କରିବା ନେଇ ପ୍ରଚାର ପ୍ରସାର ମଧ୍ୟ ହେବ । ଲୋକମାନେ ଦୀପାବଳିରେ ମାଟି ତିଆରି ସାମଗ୍ରୀ ବ୍ୟବହାରକୁ ନେଇ ଇଚ୍ଛା ପ୍ରକାଶ କରିବେ ବୋଲି ଆଶା କରାଯାଉଛି । ଉତ୍ସାହ ହେବା ଫଳରେ ଅଧିକ ଦୀପ ତିଆରି କରି ପାରିବେ ଓ ବଜାରରେ ବିକ୍ରି ମଧ୍ୟ ହେବ । ତେଣୁ ପ୍ରଚାର ପ୍ରସାର ସହ ବୃତ୍ତିକୁ ବଞ୍ଚାଇବା ପାଇଁ ଗ୍ରାମର ଯୁବକମାନଙ୍କ ସହଯୋଗରେ ପ୍ରତିଯୋଗିତା ଆୟୋଜନ କରିବାକୁ ଯୋଜନା କରାଯାଇଥିଲା । ପ୍ରଚାର କରିବା ପରେ ଗ୍ରାମର ୩ ଜଣ କୁମ୍ଭାର ଭାଗ ନେବାକୁ କହିଥିଲେ । ପରେ ଏହାକୁ ବ୍ଲକସ୍ତରୀୟ କରାଯାଇଥିଲା । ବିଭିନ୍ନ ଗ୍ରାମରୁ ୧୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏଥିପାଇଁ ଆମ ପକ୍ଷରୁ ୩ ଗୋଟି କୁମ୍ଭାରଶାଳ ନିର୍ମାଣ କରାଯାଇଥିଲା । ଏକା ଥରକେ ୩ ଜଣ କୁମ୍ଭାର ଦୀପ ତିଆରି କରିଥିଲେ । ପର୍ଯ୍ୟାୟକ୍ରମେ ପ୍ରତିଯୋଗିତା ହୋଇଥିଲା ।


ସମ୍ବଲପୁର ଝୁଝୁମୁରା ଅନ୍ଦାରୀ ଗ୍ରାମରେ ଦୀପ ତିଆରି ପ୍ରତିଯୋଗିତା ।

### ଦୀପ ତିଆରି କରି ପୁରସ୍କୃତ ହେଲେ କୁମ୍ଭାର

ଜୟଦେବ ରଣା ୨୦ ମିନିଟରେ ୬୪ ଗୋଟି ଦୀପ ତିଆରି କରି ପ୍ରଥମ ସ୍ଥାନ ହାସଲ କରିଥିଲେ । ସେହିପରି ନିରଞ୍ଜନ ରଣା ୨୦ ମିନିଟରେ ୫୮ ଗୋଟି, ବିଦ୍ୟାଧର ରଣା ୨୦ ମିନିଟରେ ୪୮ ଗୋଟି ଦୀପ ତିଆରି କରି ପାରିଥିଲେ । ପ୍ରତିଯୋଗୀମାନଙ୍କୁ ଟ୍ରଫି ସହ ଆର୍ଥିକ ରାଶି ପୁରସ୍କାର ଦିଆଯାଇଥିଲା । ଏହି ପ୍ରତିଯୋଗିତା ଦେଖିବାକୁ ଆଖପାଖ ଅଞ୍ଚଳର ଶତାଧିକ ଲୋକଙ୍କ ସମାଗମ ହୋଇଥିଲା ।

ଧରିତ୍ରୀ DHARITRI
Wants aggressive and result oriented
MARKETING EXECUTIVES
- Fluency in Odia and English essential minimum 2 years experience in sales/ marketing.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
WEB OFFSET COLOUR UNIT ASSISTANT
- Web Offset Machine Operator with minimum 2 years experience.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

GOVERNMENT OF ODISHA
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.)
DHENKANAL DIVISION, DHENKANAL
No.1182 Date 04.10.2021
INVITATION FOR BIDS (IFB)
e procurement notice
Bid Identification number / Tender Call Notice
No.E.E.(A) D/D-03 of 2021-22
No.L-78:- The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the projects are approximately from 5.00 lakhs to 50.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 25.10.21 at 10.00 hours to 01.11.21 at 16.00 hours. The bid will be opened on 05.11.21 at 11.00 hours in the O/o Executive Engineer, (Agril.), Dhenkanal Division, Dhenkanal. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
Email ID- eeagri.dhenkanal@gmail.com
Sd./- Executive Engineer (Agril)
Dhenkanal Division, Dhenkanal
OIPR-01446/11/0001/2122

**ବସ୍ କର୍ମଚାରୀଙ୍କୁ ମାଡ଼ ମାରି ୨ ଗିରଫ**

ବିନିକା,(ଡି.ଏନ୍.ଏ): ସୁବର୍ଣ୍ଣପୁର ଜିଲା ବିନିକା-ସିଂଘିଯୁବା ମୁଖ୍ୟରାସ୍ତାର ଜାମପାଲି ମୁଖ୍ୟଛକରେ ଗତ ୨୦ତାରିଖରେ ଜଣେ ଘରୋଇ ବସ କର୍ମଚାରୀଙ୍କୁ ୨ଜଣ ଯୁବକ ମାରପିଟ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଜାମପାଲିର ୨ଜଣଙ୍କୁ ଗିରଫ କରିଥିଲା । ସେମାନେ ହେଲେ ପ୍ରମୋଦ ପଧାନ ଓ ପ୍ରକାଶ କର୍ମୀ । ହେଲେ ୨୧ତାରିଖ ଧରିତ୍ରୀର ପୃଷ୍ଠା ୩ରେପ୍ରକାଶିତ ଖବରରେ ପ୍ରମୋଦ ପଧାନ ବଦଳରେ ତ୍ରୁଟି ବଶତଃ ପ୍ରଦୀପ ପଧାନ ପ୍ରକାଶିତ ହୋଇଯାଇଛି।

## ବିଧାନସଭା ସଦାଚାର କମିଟିର ସୁବର୍ଣ୍ଣପୁର ଗସ୍ତ

# ବିକାଶ ପାଇଁ ସମନ୍ୱୟ ଜରୁରୀ

ସୋନପୁର,୨୪।୧୦(ନି.ପ୍ର.)

କୌଣସି ଅଞ୍ଚଳର ବିକାଶ ପାଇଁ ଜନ ପ୍ରତିନିଧିଙ୍କ ସହ ପ୍ରଶାସନର ଉପଯୁକ୍ତ ସମନ୍ୱୟ ନିହାତି ଜରୁରୀ। କୌଣସି ବିକାଶମୂଳକ କାର୍ଯ୍ୟ ହେଉ ବା ଲୋକଙ୍କ ସମସ୍ୟା କ୍ଷେତ୍ରରେ ଜନପ୍ରତିନିଧିଙ୍କ ଲିଖିତ କିମ୍ବା ମୌଖିକ ସୂଚନା ତଥା ଅନ୍ୟ କୌଣସି ମାଧ୍ୟମର ସୂଚନାକୁ ପ୍ରଶାସନିକ ଅଧିକାରୀମାନେ ଉଦାସୀନତା ପ୍ରଦର୍ଶନ କରି ତୁରନ୍ତ ପଦକ୍ଷେପ ଗ୍ରହଣ କଲେ ବିକାଶର ଧାରା ଆହୁରି ସୁଗମ ହୋଇପାରିବ ବୋଲି ରାଜ୍ୟ ବିଧାନସଭା ସଦାଚାର କମିଟି ସୁବର୍ଣ୍ଣପୁର ଜିଲା ଗସ୍ତ ଅବସରରେ କମିଟି ଅଧ୍ୟକ୍ଷ ଅମର ପ୍ରସାଦ ଶତପଥୀ ମତପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ସମସ୍ତେ ନିଜ ସ୍ତରରେ ସକାରାତ୍ମକ ମନୋଭାବ ପୋଷଣ କରି ପ୍ରସଙ୍ଗକୁ ତତ୍‌କ୍ଷଣାତ କାର୍ଯ୍ୟକାରୀ କରିବା ଉଚିତ। ଏଥିପାଇଁ ସଂଗ୍ରହ ପରିପତ୍ର ୪୭ଧାରାକୁ ପ୍ରତ୍ୟେକ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ବିଭାଗୀୟ କର୍ମଚାରୀ ନିହାତି ଜାଣିବା ସହ କାର୍ଯ୍ୟକ୍ଷେତ୍ରରେ ଉପଯୋଗ କରିବା ଉପରେ ପରାମର୍ଶ ଦେଇଥିଲେ। ଜିଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ବିଶ୍ୱ ବନ୍ଦିତ ଭୀମ ଭୋଇଙ୍କ ସାଧନା ପୀଠ ଓ ପାତାଳୀ ଶ୍ରୀକ୍ଷେତ୍ର ଆଦିର ସାମୂହିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ କମିଟିର ଅନ୍ୟତମ ସଦସ୍ୟ ବିଧାୟକ ପ୍ରଦୀପ କୁମାର ଅମାତ, କିଶୋର ମହାନ୍ତି, ପ୍ରଫୁଲ୍ଲ ସାମଲ,



ବୈଠକରେ ଉପସ୍ଥିତ କମିଟିର ଅଧ୍ୟକ୍ଷ ଓ ସଦସ୍ୟ ବୃନ୍ଦ।

ଭୂପିନ୍ଦର ସିଂ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଦାଶରଥି ଗମାଙ୍ଗ ପ୍ରମୁଖ ଏହି ଗସ୍ତରେ ଆସି କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଯେ କୌଣସି ଜନକଲ୍ୟାଣକାରୀ ଯୋଜନାକୁ ସ୍ଥାନୀୟ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ତାର ସୁଫଳ ତୃଣମୂଳ ସ୍ତରରେ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିଲେ ଯୋଜନା କାର୍ଯ୍ୟାନ୍ୱୟନର ସଫଳତା ମିଳି ପାରିବେ ବୋଲି ମତ ପ୍ରକାଶ କରିଥିଲେ। ଏପରିକି ପ୍ରତ୍ୟେକ କାର୍ଯ୍ୟକ୍ରମର ସଫଳତା ଉଭୟ ସ୍ତରରେ ସହଯୋଗ, ସହଭାଗିତା ଓ ସୁସମ୍ପର୍କ ମାଧ୍ୟମରେ ସଫଳ ରୂପାୟନ ହୋଇଥାଏ । ତେଣୁ ସଂଗ୍ରହ ପରିପତ୍ରର ସଠିକ୍ ଅନୁପାଳନ ନିହାତି ଆବଶ୍ୟକ ବୋଲି ସେମାନେ ଅନୁଷ୍ଠିତ ବୈଠକରେ ବିଭାଗୀୟ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକ ଆରମ୍ଭରେ ଜିଲାପାଳ ଅବୋଲି ସୁନିଲ ନରୱଣେ ସ୍ୱାଗତ ଭାଷଣ ପ୍ରଦାନ କରି ଜିଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରି ଜିଲାରେ ଉଭୟ ଜନ ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ମଧ୍ୟରେ ସମସ୍ତ ବିକାଶମୂଳକ କାର୍ଯ୍ୟ ଜାରି ରହିଥିବା କହିଥିଲେ। ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣୀ ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁକାନ୍ତ କୁମାର ଜେନା, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ସମସ୍ତ ବିଡିଓ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଫୁଟବଲ: ବରଗଡ଼ ଚାମ୍ପିୟନ



ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

ବରପାଲି,୨୪।୧୦(ଡି.ଏନ.ଏ)

ବରଗଡ଼ ଜିଲା ବରପାଲି ହାଇସ୍କୁଲ ପଡ଼ିଆରେ ଚାଲିଥିବା ସୁବଳ ସାହୁ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ବରଗଡ଼ ଓ ସୋନପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ୫-୧ ଗୋଲ ସ୍କୋରରେ ପ୍ରତିପକ୍ଷ ସୋନପୁରକୁ ହରାଇ ଚାମ୍ପିୟନ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ବିଜେପୁର ବିଧାୟିକା ରୀତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହା ସହିତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଯଥାକ୍ରମେ ଚାମ୍ପିୟନ, ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ ।

## କ୍ଷମତାର ବିକେନ୍ଦ୍ରୀକରଣରେ ଲୋକେ ପାଇପାରିବେ ସୁବିଧା

ବୌଦ୍ଧ,୨୪।୧୦(ସ୍ୱ.ପ୍ର.)

ଓଡ଼ିଶା ବିଧାନସଭା ସଦାଚାର କମିଟିର ଏକ ପ୍ରତିନିଧି ମଣ୍ଡଳୀ ବୌଦ୍ଧ ଗସ୍ତରେ ଆସିଛନ୍ତି । ଶନିବାର ସନ୍ଧ୍ୟାରେ ଏହି କମିଟି ବୌଦ୍ଧ ଅତିଥିଭବନଠାରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ପ୍ରତିନିଧି ମଣ୍ଡଳୀ ଜିଲା ସଂଗ୍ରହାଳୟ ବୁଲି ଦେଖିଥିଲେ। ରବିବାର ପ୍ରତିନିଧି ଦଳ ରାଜବାଟୀସ୍ଥିତ ବୁଦ୍ଧ ପାର୍କ ଏବଂ ରାମେଶ୍ୱର ମନ୍ଦିର ପରିଦର୍ଶନ କରିଥିଲେ। ଏହାପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଓଡ଼ିଶା ବିଧାନସଭା ସଦାଚାର ଗୃହ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ଅଧ୍ୟକ୍ଷ ତଥା ବଡଚଣାର ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ, ବୌଦ୍ଧ ଜିଲାରେ ଜନ ପ୍ରତିନିଧିଙ୍କ ସହ ଜିଲା ପ୍ରଶାସନର ସମନ୍ୱୟ ରହିଥିବାରୁ ଜିଲାର ଉନ୍ନତି ସମ୍ଭବ ହୋଇପାରିଛି। ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ କହିଥିଲେ ଯେ, ସଂଗ୍ରହ ପରିଚୟ ୪୭ର ଅନୁପାଳନ ବୌଦ୍ଧ ଜିଲାରେ ସଠିକ ଭାବରେ କାର୍ଯ୍ୟକାରୀ କରାଯାଉଥିବା ସେ ପ୍ରକାଶ କରିଥିଲେ। କନ୍ଧମାଳ ବିଧାୟକ ମହୀଧର ରଣା, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି, ନର୍ଲା ବିଧାୟକ ଭୂପିନ୍ଦର ସିଂହ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ କ୍ଷମତାର ବିକେନ୍ଦ୍ରୀକରଣ ଫଳରେ ସମୟସୀମା ମଧ୍ୟରେ ଲୋକେ ଉପକୃତ ହୋଇ ପାରିବେ ବୋଲି କହିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପଜିଲାପାଳ ଅଶ୍ୱନୀ କୁମାର ମେହେର ଧନ୍ୟବାଦ ଦେଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ବବିତାରାଣୀ ଦଳବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହଙ୍କ ସମେତ ବିଭାଗୀୟ ଅଧିକାରୀ, ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ। ପରେ କମିଟି ସଦସ୍ୟମାନେ ବୌଦ୍ଧର ଗନ୍ଧରାଢୀ ମନ୍ଦିର, ପରଗଲପୁର ଓ ଶ୍ୟାମସୁନ୍ଦରପୁର ବୁଦ୍ଧ ପୀଠ ପରିଦର୍ଶନ କରିଥିଲେ।

**ସଂକ୍ଷେପରେ**

### ବ୍ଲକର ବିଭିନ୍ନ ସମସ୍ୟା ନେଇ ଆଲୋଚନା

କୋକସରା,୨୪।୧୦(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ସିଟିଜେନ ଫୋରମ ପକ୍ଷରୁ ରବିବାର କୋକସରା ଶିଶୁ ମନ୍ଦିରରେ ବ୍ଲକର ବିଭିନ୍ନ ସମସ୍ୟା ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସିଟିଜେନ ଫୋରମ ସଭାପତି ବ୍ୟୋମକେଶ ପଣ୍ଡାଙ୍କ ସଭାପତିତ୍ୱରେ ଫୋରମର ବରିଷ୍ଠ ସଦସ୍ୟମାନେ ଯୋଗଦେଇଥିଲେ। କୋକସରା ବ୍ଲକ ସଦର ମହକୁମା ହୋଇଥିଲେ ମଧ ଏକ ସବ ଟ୍ରେଜରି ଅଫିସ ନ ଥିବାରୁ ଧର୍ମଗଡ଼ ଓ ଜୟପାଟଣା ଉପରେ ନିର୍ଭର କରିବାକୁ ପଡୁଛି, ଏଣୁ ସବଟ୍ରେଜରି ଅଫିସ ଖୋଲିବା ଦାବି ସହ ବ୍ଲକରେ ଏକ ଆବାସିକ ମହାବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ଜଣାଇବା ଓ କୋକସରା ବ୍ଲକ ୮୦ % ଲୋକେ ଚାଷୀ, ଏଣୁ ଆସନ୍ତା ଖରିଫ ଧାନ ବିକ୍ରି ବ୍ୟବସ୍ଥା ପାଇଁ ରାଜ୍ୟ ସରକାରଙ୍କୁ ଏ ନେଇ ପ୍ରସ୍ତାବ ଆଗତ ହୋଇଥିଲା। ଏହି ଆଲୋଚନାରେ ଫୋରମ ସମ୍ପାଦକ ମିନିକେତନ ପ୍ରଧାନୀ, ଜୟଲାଲ ନାଏକ, ଲକ୍ଷ୍ମୀଧର ପୂଜାରୀ, କେଶବ ଚନ୍ଦ୍ର ନାଏକ, କୁରୁକ୍ଷେତ୍ର ବେହେରା, ରମେଶ ଚନ୍ଦ୍ର ପ୍ରଧାନୀ, ବୁଟୁନାଥ ସରାବୁ, ମୁକ୍ତେଶ୍ୱର ପଟ୍ଟନାୟକ, ବିଶ୍ୱମ୍ଭର ନାଏକ ଉପସ୍ଥିତ ରହିଥିଲେ। କୋଷାଧ୍ୟକ୍ଷ ଜଗବନ୍ଧୁ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

### ବିଜେଡିର ସ୍ୱଚ୍ଛତା, ସାମାଜିକ ସେବା କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୨୪।୧୦: ନୂଆପଡା ଜିଲା ଖଡିଆଳ ବ୍ଲକ ରାନୀମୁଣ୍ଡା ପଞ୍ଚାୟତ ହାଇସ୍କୁଲରେ ଖଡିଆଳ ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ସ୍ୱଚ୍ଛତା ଓ ସାମାଜିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲଙ୍କ ନେତୃତ୍ୱରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାଣ୍ଡେ, ନାରୀନେତ୍ରୀ ମମତା ମଞ୍ଜରୀ ଥାପା, ରାନୀମୁଣ୍ଡା ପଞ୍ଚାୟତ ସମିତି ସଭ୍ୟ ଚିତମନ ମାଝି, ପୂର୍ବତନ ସରପଞ୍ଚ ଯୋଗେନ କଟା, ଦାବରୀ ସରପଞ୍ଚ ଜାନକୀ ମାଝି, ସମିତି ସଭ୍ୟ କୈଳାସ ତାଣ୍ଡି, ଭୋଜପୁର ସମିତି ସଭ୍ୟ ରମେଶ ଭୋଇ, ରାନୀମୁଣ୍ଡା ପଞ୍ଚାୟତ ସଭାପତି ଭୋଲା ନାଗ, ଖଡିଆଳ ବ୍ଲକ ଯୁବ ସଭାପତି ପରକ୍ଷିତ ସତନାମି, ଜିଲା ଯୁବ ସମ୍ପାଦକ ଯୋଗନ ପାଣ୍ଡେ, ଜିଲା ଯୁବ ଉପସଭାପତି ନିଖିଳ ମେହେର, ବରିଷ୍ଠ କାର୍ଯ୍ୟକର୍ତ୍ତା ଦୟା ଥାପା ଓ ରାନୀମୁଣ୍ଡା ଏବଂ କୋଟାମାଲ ଅଞ୍ଚଳର ଦଳୀୟ କର୍ମୀମାନେ ଅଂଶ ଗ୍ରହଣ କରିଥିଲେ।

## ଦୋଷୀଙ୍କୁ ଫାଶୀ, ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ପଦଯାତ୍ରା





ତୁକଲା ମେହେର ସମାଜ ପକ୍ଷରୁ ପଦଯାତ୍ରାରେ ଖଡିଆଳ ଅଭିମୁଖେ ଆସୁଛନ୍ତି।

ନୂଆପଡ଼ା ଅଫିସ,୨୪।୧୦

ବହୁ ଚର୍ଚ୍ଚିତ ମମିତା ମେହେର ଅପହରଣ ଓ ହତ୍ୟା ଘଟଣାକୁ ସବୁଠି ନିନ୍ଦା କରାଯାଉଛି। ଏହାର ପ୍ରତିବାଦରେ ନୂଆପଡା ଜିଲା ଖଡିଆଳ ଥାନା ତୁକଲା ଗ୍ରାମର ମେହେର ସମାଜ ପକ୍ଷରୁ ତୁକଲାଠାରୁ ଖଡିଆଳ ପର୍ଯ୍ୟନ୍ତ ୧୦ କି.ମି. ପଦଯାତ୍ରାରେ ବାହାରି ଖଡିଆଳ ସହର ପରିକ୍ରମା କରି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ୩୫୩ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଖଡିଆଳ ଅତିରିକ୍ତ ତହସିଦାର ଭୁପିନ୍ଦର ତାଣ୍ଡିକୁ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିରେ ମୁଖ୍ୟ ଅଭିଯୁକ୍ତଙ୍କୁ ଫାଶି, ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ, ମନ୍ତ୍ରୀ ଦିବ୍ୟ ଶଙ୍କରଙ୍କୁ ବହିଷ୍କାର, ପରିବାରଙ୍କୁ ୨ କୋଟି ଟଙ୍କା କ୍ଷତିପୂରଣ, ମମିତା ମେହେରଙ୍କ ପିତାଙ୍କୁ ଏକ ସରକାରୀ ଚାକିରୀ ପ୍ରଦାନ ସହିତ ଗୋବିନ୍ଦ ସାହୁଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତି ଜବତ କରାଯାଉ ବୋଲି ଦାବି କରିଛନ୍ତି। ଏହି ପଦଯାତ୍ରାରେ ଲିଙ୍ଗରାଜ ମେହେର, ଦେବି ଚରଣ ମେହେର, ହିରାଧଂର ମେହେର, ଜିତେନ୍ଦ୍ର ମେହେରଙ୍କ ସମେତ ଶତାଧିକ ମେହେର ସମାଜର ମହିଳା, ପୁରୁଷ, ଯୁବତୀଯୁବକମାନେ ଉପସ୍ଥିତ ଥିଲେ।

## ବିଷମୁଲ ବୁଢ଼ାରଜାଙ୍କ ବାର୍ଷିକ ପର୍ବ ସମ୍ପନ୍ନ

ଲାଞ୍ଜିଗଡ଼,୨୪।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଓ ଥୁଆମୂଳ ରାମପୁର ବ୍ଲକ ସୀମାନ୍ତ ପାହାଡ଼ପଦର ପଞ୍ଚାୟତସ୍ଥିତ ବୋରପଦର ଗ୍ରାମ ନିକଟ ସାଡିଙ୍ଗ ଗୁମ୍ଫାଠାରେ ଚଳିତ କାର୍ତ୍ତିକ କୃଷ୍ଣପକ୍ଷ ତୃତୀୟା ଗୁରୁବାରଠାରୁ ଆରମ୍ଭ ହୋଇଥିବା ବିଷମୁଲ ବୁଢ଼ାରଜାଙ୍କ ବାର୍ଷିକ ପର୍ବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୂଜା କମିଟି ସଭାପତି ଜଗଦୀଶ ବେନିଆଁଙ୍କ ତତ୍ତ୍ୱାବଧାନରେ ବିଷମୁଲ ବୁଢାରାଜା ଯାତ୍ରା ଉଦ୍‌ଯାପିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବ ସାମାଜିକ କର୍ମୀ ରାଜେନ୍ଦ୍ର ମାଳି, ମୁଖ୍ୟବକ୍ତା ଭାବେ ଲାଞ୍ଜିଗଡ଼ ବିଧାୟକ ପ୍ରତିନିଧି ପ୍ରଦୀପ ଘଡେଇ, ସମ୍ମାନିତ ଅତିଥି ଭାବେ ବିଜୟ ସାହୁ, ମାଳିଯୁବାଙ୍ଗ ସରପଞ୍ଚ ଲାଲକୃଷ୍ଣ ମାଝି, ପାହାଡ଼ପଦର ପୂର୍ବତନ ସରପଞ୍ଚ କୁଞ୍ଜ ମାଝି, ତ୍ରିଲୋଚନପୁର ସରପଞ୍ଚ ଚନ୍ଦ୍ର ମାଝି ପ୍ରମୁଖ ଯୋଗ ଦେଇଥିଲେ। ବିଷମୁଲ ବୁଢ଼ାରଜା ପୂଜା କମିଟି ଉପସଭାପତି କୁମର ନାଏକ, କୋଷାଦକ୍ଷ ବଳଭଦ୍ର ସାହୁ, ଉପଦେଷ୍ଟା କମିଟିର ବ୍ୟଦ୍ୟନାଥ ନାଏକ, ଲୋକନାଥ ମାଝି, ଲିଙ୍ଗରାଜଙ୍କ ସମେତ କମିଟି ଅନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

# ଲୋକକଳା ବଞ୍ଚିଲେ ସଂସ୍କୃତି ବଞ୍ଚିବ

ବରଗଡ଼ ଅଫିସ୍,୨୪।୧୦

ଯେଉଁଠି କଳା, ସେଇଠି ସଂସ୍କୃତି। କଳା ମଣିଷକୁ ବଞ୍ଚିବା ଶିଖାଏ। ଲୋକକଳା ବଞ୍ଚିଲେ ଲୋକ ସଂସ୍କୃତି ବଞ୍ଚିବ। ଲୋକକଳା ବଞ୍ଚାଇବା ପାଇଁ ମିଳିତ ଉଦ୍ୟମ ଲୋଡା। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ବରଗଡ଼ରେ ଅନୁଷ୍ଠିତ ଦ୍ୱିଦିବସୀୟ ଲୋକକଳା ଜାଗରଣ ଓ କଳାକାର ଭେଟ୍‌ର ରବିବାର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହା କହିଛନ୍ତି। ବରଗଡ଼ ଏସ୍‌ପି ରାହୁଲ ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, କଳାକାରଙ୍କ ସମସ୍ୟା ଆଗାମୀ ଦିନରେ ଦୂର ହେବ ଏବଂ କଳାକାରମାନେ ନିଜର କଳା ପରିବେଷଣ କରିପାରିବେ। ସେହିପରି ସମାଜସେବୀ ଚନ୍ଦ୍ରଶେଖର ବାଗ କଳାକାରଙ୍କ ସହିତ ସବୁଦିନ ଯୋଡ଼ି ହୋଇ ରହିଛନ୍ତି ବୋଲି କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକାରଙ୍କ ପାଇଁ ରହିଥିବା ସରକାରୀ ସହାୟତା ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ନାଟ୍ୟ ନିର୍ଦ୍ଦେଶକ ହରି ମିଶ୍ର, ସୁଶୀଳା ନାୟାର, କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରମେଶ ସୁନା, ନାଟ୍ୟକାର ଅରୁଣ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।





ସମାବେଶରେ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**କଳାକାର ସମାବେଶ ଉଦ୍‌ଯାପନୀ ସମାରୋହ**

ରାଜ୍ୟ କଳାକାର ମହାସଂଘ ସମ୍ପାଦକ ବାପି ପଣ୍ଡା ସମସ୍ତ କଳାକାର ନିଜ ମଧ୍ୟରେ ଏକତା ରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ସୌଖିନ କଳାକାର ସଂଘ ସଭାପତି ଅଶ୍ୱିନୀ ପଣ୍ଡା, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ ପ୍ରମୁଖ ମଞ୍ଚାସୀନ ଥିଲେ। କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଶ୍ଚିମାଞ୍ଚଳ କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟ ଶିରୋମଣି ତୁଳାରାମ ମହାନନ୍ଦ, ନୃତ୍ୟ ନିର୍ଦ୍ଦେଶକ ରବିନ୍ଦ୍ର ବାଗ, କାର୍ତ୍ତିକ ଜାଲ, ପ୍ରମୋଦ ଦାସ, ସୁରଥ କୁଅଁର, ନବୀନ ପାଣ୍ଡେ, ଅନିରୁଦ୍ଧ ପାଇକ, ଖଗେଶ୍ୱର ସାହୁ, ଜିତେନ୍ଦ୍ରୀୟ ସାହୁ, ନରେନ୍ଦ୍ର କଣ୍ଟା, ରାଧେଶ୍ୟାମ ଭେସ୍ରା, ଜଟାଧାରୀ ପ୍ରଧାନ, ଲାଲ ଭୁଏ, ସନ୍ତୋଷ ସାହୁ, ରାଜେଶ ବାରିକ, ବିଭୁଧେନ୍ଦୁ ମହାନନ୍ଦ, ଦିଲୀପ ସୁନା, ସବିତା ପାଣିଗ୍ରାହୀ, ବାଲେଶ୍ୱର କୁଅଁର, ନୃତ୍ୟ ନିର୍ଦ୍ଦେଶକ ଗାନ୍ଧୀ ବାରିକ, ଶଙ୍କର ପଟ୍ଟନାୟକ ପ୍ରମୁଖଙ୍କୁ ମହାସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଲୋକକଳା ଭବନରୁ ୫ଶହରୁ ଊର୍ଦ୍ଧ୍ୱ କରମସାନୀ କଳାକାର ଏକ ତାଳରେ ମାଦଳ ବଜାଇ ସାଂସ୍କୃତିକ ଶୋଭାଯାତ୍ରାରେ ସୌଖୀନ ରଙ୍ଗମଞ୍ଚକୁ ଆସିଥିଲେ। ମହାସଂଘ ଉପସଭାପତି ଭୁବନେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

### ଚାକିରିରୁ ବିଦାହେଲେ...

ନିରୋଧ ଆଇନ୍‌ରେ ମାମଲା (ନଂ.୧୫୯/୦୫) ରହିଥିଲା। ୨୦୧୦ରେ ଖଣ୍ଡଗିରି ଥାନାରେ ଜମିଜମା ମାମଲା ହୋଇଥିବାବେଳେ ୨୦୧୨ରେ ଶହୀଦନଗର ଥାନାରେ ମାମଲା ନଂ.୨୩୮/୧୨ ଓ ୨୦୧୯ରେ ଏକ ଟ୍ରାକ୍ଟର ଚୋରି ନେଇ ଧଉଳି ଥାନାରେ ଆଉଏକ ମାମଲା ରହିଛି। ସେହିଭଳି ୨୦୧୮ରେ ପ୍ରସନ୍ନ କଟକରେ କାର୍ଯ୍ୟ କରୁଥିବାବେଳେ ଜଣେ ଆଇଜୀବୀଙ୍କୁ ମାଡ଼ ମାରିଥିଲେ। ଏହା ପ୍ରତିବାଦରେ ଓକିଲ ସଂଘ ଦୀର୍ଘଦିନ ଧରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଏଥିପାଇଁ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କ୍ଷମା ମାଗିବାକୁ ପଡିଥିଲା। ୨୦୨୦ରେ କରୋନା କଟକଣା ସମୟରେ ସଚିବାଳୟ ମାର୍ଗ ନିକଟରେ ପ୍ରସନ୍ନ ମଦ ପିଉଥିବା ଭିଡିଓ ଭାଇରାଲ୍ ହୋଇଥିଲା। ସେତେବେଳେ ମଧ୍ୟ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ପ୍ରସନ୍ନଙ୍କ ଏପରି ଆପରାଧିକ କାର୍ଯ୍ୟ ପାଇଁ ରାଜ୍ୟ ପୋଲିସ ବିବାଦମୁଣ୍ଡାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କେବଳ ନିଲମ୍ବିତ କରାଯାଉଥିବାରୁ ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ବି ଉଠିଥିଲା।

### ବଢ଼ୁନି ବିଶ୍ୱବିଦ୍ୟାଳୟ...

ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, କାରଣ ସେମାନଙ୍କୁ ଗାଇଡ୍ କରିବା ପାଇଁ ପ୍ରକୃତ ଲୋକ ନାହାନ୍ତି। ଫଳରେ ବିଶ୍ୱବିଦ୍ୟାଳଗୁଡ଼ିକରେ ଗବେଷଣା ଉପରେ ଅଧିକ ପ୍ରଭାବ ପଡୁଛି। ତେଣୁ ଯଥାଶୀଘ୍ର ସରକାର ଅବସର ବୟସକୁ ୬୦ରୁ ୬୫କୁ ବୃଦ୍ଧି କରିଲେ କେବଳ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନୁହେଁ, ସ୍କଲାରମାନେ ମଧ୍ୟ ବେଶ୍ ଉପକୃତ ହେବେ। ଏଥି ସହିତ ରାଜ୍ୟ ବି ଆଗକୁ ଯିବ। ଏ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ମୁଁ ବି ୬୦ ବର୍ଷରେ ଅବସର ନେଇଛି। ଏ ଦିଗରେ କୌଣସି ପଦକ୍ଷେପ ନେବା ପାଇଁ ମୋ ପାଖରେ କ୍ଷମତା ନାହିଁ। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏ ନେଇ ପଦକ୍ଷେପ ନେଇପାରିବେ। ତେବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କୁ ମୁଁ ଲିଖିତ ନୁହେଁ, ମୌଖିକ ଭାବେ ସହଯୋଗ କରିପାରିବି ବୋଲି ଆଚାର୍ଯ୍ୟ କହିଛନ୍ତି।

### ରାଇବଣିଆ ଦୁର୍ଗ...

ନିର୍ମିତ ଫାଟକ ଏବେ ବି ଦୃଶ୍ୟମାନ ହୁଏ। ଅନ୍ୟ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମତରେ ଏହି ଦୁର୍ଗ ଏକ ସମୟରେ ନିର୍ମିତ ହୋଇ ନ ଥିଲା। ରାଇବଣିଆ ଦୁର୍ଗକୁ କେନ୍ଦ୍ରକରି ୧୦ମାଇଲ ଲମ୍ବରେ ରାଇବଣିଆ କୀର୍ତ୍ତିରାଜି, ପଥରରେ ଖୋଦିତ ମୂର୍ତ୍ତି ବିକ୍ଷିପ୍ତ ଭାବେ ପଡିରହିଛି। ଦୁର୍ଗ ମଧ୍ୟରେ ଓ ଚାରିପଟେ ଏବେ ବି କେତେକ ଅସ୍ତ୍ରଶସ୍ତ୍ର, କମାଣ ଆଦି ବିଭିନ୍ନ ପୋଖରୀ ଖନନରୁ ମିଳୁଛି। ରାଇବଣିଆ ପୀଠଦେବୀଙ୍କୁ ତତ୍କାଳୀନ ମୟୂରଭଞ୍ଜର ରାଜା ନେଇଯାଇ ଖିଚିଂଠାରେ ଅବସ୍ଥାପିତ କରିଥିବା ବାଲେଶ୍ୱର ଗେଜେଟିୟରରୁ ଜଣାପଡେ। ମାତ୍ର ରାଇବଣିଆଗଡର ଆରାଧ୍ୟା ଗଡଚଣ୍ଡୀ ରାଇବଣିଆ ଗ୍ରାମରେ ପୂଜା ପାଉଛନ୍ତି। ଦୁର୍ଗ ମଧ୍ୟରେ ଥିବା ଗଡଚଣ୍ଡୀ କେବଳ ଦୁର୍ଗାପୂଜା ଓ ପଣାସଂକ୍ରାନ୍ତିରେ ପୂଜା ହୁଅନ୍ତି। ଏହାର ମଧ୍ୟସ୍ଥଳରେ ଏକ ଜଗନ୍ନାଥ ମନ୍ଦିର ରହିଛି। ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ କୋଣାର୍କ ମନ୍ଦିରର କୀର୍ତ୍ତି ଓ କଳାକାରିଗରୀ ସହିତ ରାଇବଣିଆଗଡର ଜଗନ୍ନାଥ ମନ୍ଦିର ସମ୍ପର୍କ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରତ୍ନତତ୍ତ୍ୱବିତ ଡ. ଅଶୋକ ମିତ୍ର ଏସିଆଟିକ ସୋସାଇଟିରୁ କିଛି ଅର୍ଥ ଆଣି ସେ ଏହାର ଖନନ ଓ ସର୍ଭେ ଆରମ୍ଭ କରୁଥିଲା ବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ଖନନ କାର୍ଯ୍ୟ ସେତିକିରେ ଅଟକିଯାଇଛି। ଅନ୍ୟ ଜଣେ ଗବେଷକ ସେନଗୁପ୍ତ ଏଠାକୁ ବିଭିନ୍ନ ସମୟରେ ଆସି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ତେବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮-୬୪) ଏହି ଦୁର୍ଗ ନିର୍ମାଣ କରିଥିବା ପ୍ରମାଣ ରହିଛି।

ଦୁର୍ଗ ଅଞ୍ଚଳରେ ପ୍ରାୟ ୫୦ଟି ଛୋଟବଡ ପୋଖରୀ ରହିଛି। ବିଭିନ୍ନ ସ୍ଥାନରେ ଥିବା ଉଚ୍ଚସ୍ଥାନକୁ ଖନନକଲେ ଏବେ ମଧ୍ୟ ଦୁର୍ଗର ଧ୍ୱଂସାବଶେଷ ବାହାରୁଛି। କିନ୍ତୁ ସରକାରଙ୍କ ଦ୍ୱାରା ଏସବୁର ଉଦ୍ଧାର, ସଂଗ୍ରହ କରାଯାଉନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଧାୟକ ଅଶ୍ୱିନୀ ପାତ୍ର, ଦେବୀପ୍ରସନ୍ନ ଚନ୍ଦ, ଇଂ . ରବୀନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା ବିଧାନସଭା ଓ ସଂସଦରେ ଦାବି ଉପସ୍ଥାପନ କରିବା ପରେ ୨୦୧୪ ମସିହାରୁ ୫୪ଲକ୍ଷ ଟଙ୍କା ବ୍ୟୟରେ ଜଗନ୍ନାଥ ମନ୍ଦିରର ନିର୍ମାଣ ଚାଲିଛି। କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ ନେଇ ମନ୍ଦିର ପାଚେରି ନିର୍ମାଣ କରାଯାଇଥିଲେ ମଧ୍ୟ ଏବେ ତା'ର ସୁରକ୍ଷା ଜରୁରୀ ହୋଇପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଇବଣିଆଗଡକୁ ଯିବା ଲାଗି ୧୭ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ମୁଖ୍ୟ ଫାଟକ ନିର୍ମାଣ ଲାଗି ୫୦ଲକ୍ଷ ଟଙ୍କା ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ୨୫ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି। ପର୍ଯ୍ୟଟକଙ୍କ ରାତ୍ରକାଳୀନ ଗମନାଗମନ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୫ଲକ୍ଷ ଟଙ୍କା ବ୍ୟୟରେ ଆଲୋକୀକରଣ ଓ ପାନୀୟ ଜଳ ଲାଗି ୧୬ଲକ୍ଷ ଟଙ୍କା ବ୍ୟୟ ଅଟକଳ ହାତକୁ ନିଆଯାଇଛି। ରୁର୍‌ବାନ ଯୋଜନାରେ ୫୦ଲକ୍ଷ ଟଙ୍କା ବ୍ୟୟରେ ପାଚେରି, ପାର୍କ ଓ ପିଣ୍ଡି ଆଦି ନିର୍ମାଣ ସହିତ ୨୮ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ହଲ୍ ନିର୍ମାଣର ଯୋଜନା ରହିଛି। ଦୁର୍ଗର ବହୁ ଅଂଶ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ମଧ୍ୟକୁ ପ୍ରବେଶ କରିବା ସମ୍ଭବ ହୋଇପାରୁନାହିଁ। ପର୍ଯ୍ୟଟନ ବିଭାଗ ଏହାର ବିକାଶ ଲାଗି ଗୁରୁତ୍ୱ ଦେଲେ ରାଇବଣିଆ ଅଞ୍ଚଳର ଲୋକଙ୍କ ଆର୍ଥିକ ବିକାଶ ହୋଇପାରନ୍ତା ବୋଲି ରାଇବଣିଆଗଡ ସୁରକ୍ଷା କମିଟି ସମ୍ପାଦକ ତଥା ଗବେଷକ ଶ୍ରୀକାନ୍ତ ଚରଣ ପାତ୍ର, ସଭାପତି ପ୍ରଫୁଲ୍ଲ ସୁର, ଗଡ ଉନ୍ନୟନ କମିଟି ସଭାପତି ବ୍ରିଜେଶ ରଣା, ସାଧାରଣ ସମ୍ପାଦକ ସୁକୁମାର ପ୍ରଧାନ, ସମ୍ପାଦକ ବସନ୍ତ ଘୋଷ, ସଞ୍ଜୀବ ସାମଲ, ଗଙ୍ଗାଧର ଦାସ ପ୍ରମୁଖ ମତ ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ରାଇବଣିଆ ଦୁର୍ଗର ବିକାଶ ଲାଗି ଏକ ମାଷ୍ଟରପ୍ଲାନର ଆବଶ୍ୟକ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମାଷ୍ଟରପ୍ଲାନ ଆସିଲେ ରୁର୍‌ବାନ ଯୋଜନାରେ ମିଳିବାକୁ ଥିବା ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଦୁର୍ଗର ବିକାଶ କରାଯାଇପାରିବ।

## ବିଧାନସଭା ସଦାଚାର କମିଟିର ସୁବର୍ଣ୍ଣପୁର ଗସ୍ତ

# ବିକାଶ ପାଇଁ ସମନ୍ୱୟ ଜରୁରୀ

**ସୋନପୁର,୨୪।୧୦(ନି.ପ୍ର.)**

କୌଣସି ଅଞ୍ଚଳର ବିକାଶ ପାଇଁ ଜନ ପ୍ରତିନିଧିଙ୍କ ସହ ପ୍ରଶାସନର ଉପଯୁକ୍ତ ସମନ୍ୱୟ ନିହାତି ଜରୁରୀ। କୌଣସି ବିକାଶମୂଳକ କାର୍ଯ୍ୟ ହେଉ ବା ଲୋକଙ୍କ ସମସ୍ୟା କ୍ଷେତ୍ରରେ ଜନପ୍ରତିନିଧିଙ୍କ ଲିଖିତ କିମ୍ବା ମୌଖିକ ସୂଚନା ତଥା ଅନ୍ୟ କୌଣସି ମାଧ୍ୟମର ସୂଚନାକୁ ପ୍ରଶାସନିକ ଅଧିକାରୀମାନେ ଉଦାସୀନତା ପ୍ରଦର୍ଶନ କରି ତୁରନ୍ତ ପଦକ୍ଷେପ ଗ୍ରହଣ କଲେ ବିକାଶର ଧାରା ଆହୁରି ସୁଗମ ହୋଇପାରିବ ବୋଲି ରାଜ୍ୟ ବିଧାନସଭା ସଦାଚାର କମିଟି ସୁବର୍ଣ୍ଣପୁର ଜିଲା ଗସ୍ତ ଅବସରରେ କମିଟି ଅଧ୍ୟକ୍ଷ ଅମର ପ୍ରସାଦ ଶତପଥୀ ମତପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଗଣତନ୍ତ୍ରକୁ ସୁଦୃଢ କରିବାକୁ ହେଲେ ସମସ୍ତେ ନିଜ ସ୍ତରରେ ସକାରାତ୍ମକ ମନୋଭାବ ପୋଷଣ କରି ପ୍ରସଙ୍ଗକୁ ତତ୍‌କ୍ଷଣାତ କାର୍ଯ୍ୟକାରୀ କରିବା ଉଚିତ। ଏଥିପାଇଁ ସଂଗ୍ରହ ପରିପତ୍ର ୪୭ଧାରାକୁ ପ୍ରତ୍ୟେକ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ବିଭାଗୀୟ କର୍ମଚାରୀ ନିହାତି ଜାଣିବା ସହ କାର୍ଯ୍ୟକ୍ଷେତ୍ରରେ ଉପଯୋଗ କରିବା ଉପରେ ପରାମର୍ଶ ଦେଇଥିଲେ। ଜିଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ବିଶ୍ୱ ବନ୍ଦିତ ଭୀମ ଭୋଇଙ୍କ ସାଧନା ପୀଠ ଓ ପାତାଳୀ ଶ୍ରୀକ୍ଷେତ୍ର ଆଦିର ସାମୂହିକ ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ କମିଟିର ଅନ୍ୟତମ ସଦସ୍ୟ ବିଧାୟକ ପ୍ରଦୀପ କୁମାର ଅମାତ, କିଶୋର ମହାନ୍ତି, ପ୍ରଫୁଲ୍ଲ ସାମଲ, ଭୂପିନ୍ଦର ସିଂ, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଦାଶରଥି ଗମାଙ୍ଗ ପ୍ରମୁଖ ଏହି ଗସ୍ତରେ ଆସି କେନ୍ଦ୍ର ବା ରାଜ୍ୟ ସରକାରଙ୍କ ଯେ କୌଣସି ଜନକଲ୍ୟାଣକାରୀ ଯୋଜନାକୁ ସ୍ଥାନୀୟ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି ତାର ସୁଫଳ ତୃଣମୂଳ ସ୍ତରରେ ହିତାଧିକାରୀଙ୍କ ନିକଟରେ ପହଞ୍ଚି ପାରିଲେ ଯୋଜନା କାର୍ଯ୍ୟାନ୍ୱୟନର ସଫଳତା ମିଳି ପାରିବେ ବୋଲି ମତ ପ୍ରକାଶ କରିଥିଲେ। ଏପରିକି ପ୍ରତ୍ୟେକ କାର୍ଯ୍ୟକ୍ରମର ସଫଳତା ଉଭୟ ସ୍ତରରେ ସହଯୋଗ, ସହଭାଗିତା ଓ ସୁସମ୍ପର୍କ ମାଧ୍ୟମରେ ସଫଳ ରୂପାୟନ ହୋଇଥାଏ । ତେଣୁ ସଂଗ୍ରହ ପରିପତ୍ରର ସଠିକ୍ ଅନୁପାଳନ ନିହାତି ଆବଶ୍ୟକ ବୋଲି ସେମାନେ ଅନୁଷ୍ଠିତ ବୈଠକରେ ବିଭାଗୀୟ ସମସ୍ତ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକ ଆରମ୍ଭରେ ଜିଲାପାଳ ଅବୋଲି ସୁନିଲ ନରୱଣେ ସ୍ୱାଗତ ଭାଷଣ ପ୍ରଦାନ କରି ଜିଲାରେ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋକପାତ କରି ଜିଲାରେ ଉଭୟ ଜନ ପ୍ରତିନିଧି ଓ ପ୍ରଶାସନ ମଧ୍ୟରେ ଉତ୍ତମ ସମନ୍ୱୟ ମଧ୍ୟରେ ସମସ୍ତ ବିକାଶମୂଳକ କାର୍ଯ୍ୟ ଜାରି ରହିଥିବା କହିଥିଲେ। ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣୀ ପଟେଲ, ସୋନପୁର ଉପଜିଲାପାଳ ନିହାର ରଞ୍ଜନ କହଁର, ବୀରମହାରାଜପୁର ଉପଜିଲାପାଳ ଅଶୋକ କୁମାର ଭୋଇ, ଜିଲା ଯୋଜନା ଓ ପରିସଂଖ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁକାନ୍ତ କୁମାର ଜେନା, ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ଧନ୍ୟବାଦ ପ୍ରଦାନ କରିଥିଲେ ।


ବୈଠକରେ ଉପସ୍ଥିତ କମିଟିର ଅଧ୍ୟକ୍ଷ ଓ ସଦସ୍ୟ ବୃନ୍ଦ।

## କ୍ଷମତାର ବିକେନ୍ଦ୍ରୀକରଣରେ ଲୋକେ ପାଇପାରିବେ ସୁବିଧା

**ବୌଦ୍ଧ,୨୪।୧୦(ସ୍ୱ.ପ୍ର.)**

ଓଡ଼ିଶା ବିଧାନସଭା ସଦାଚାର କମିଟିର ଏକ ପ୍ରତନିଧି ମଣ୍ଡଳୀ ବୌଦ୍ଧ ଗସ୍ତରେ ଆସିଛନ୍ତି । ଶନିବାର ସନ୍ଧ୍ୟାରେ ଏହି କମିଟି ବୌଦ୍ଧ ଅତିଥିଭବନଠାରେ ପହଞ୍ଚିବା ପରେ ଜିଲା ପ୍ରଶାସନ ପକ୍ଷରୁ ସେମାନଙ୍କୁ ସ୍ୱାଗତ କରାଯାଇଥିଲା। ପରେ ପ୍ରତିନିଧି ମଣ୍ଡଳୀ ଜିଲା ସଂଗ୍ରହାଳୟ ବୁଲି ଦେଖିଥିଲେ। ରବିବାର ପ୍ରତିନିଧି ଦଳ ରାଜବାଟୀସ୍ଥିତ ବୁଦ୍ଧ ପାର୍କ ଏବଂ ରାମେଶ୍ୱର ମନ୍ଦିର ପରିଦର୍ଶନ କରିଥିଲେ। ଏହାପରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଓଡ଼ିଶା ବିଧାନସଭା ସଦାଚାର ଗୃହ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ଅଧ୍ୟକ୍ଷ ତଥା ବଡଚଣାର ବରିଷ୍ଠ ବିଧାୟକ ଅମର ପ୍ରସାଦ ଶତପଥୀ ଏଥିରେ ଅଧ୍ୟକ୍ଷତା କରି କହିଥିଲେ ଯେ, ବୌଦ୍ଧ ଜିଲାରେ ଜନ ପ୍ରତିନିଧିଙ୍କ ସହ ଜିଲା ପ୍ରଶାସନର ସମନ୍ୱୟ ରହିଥିବାରୁ ଜିଲାର ଉନ୍ନତି ସମ୍ଭବ ହୋଇପାରିଛି। ବୌଦ୍ଧ ବିଧାୟକ ପ୍ରଦୀପ କୁମାର ଅମାତ କହିଥିଲେ ଯେ, ସଂଗ୍ରହ ପରିଚୟ ୪୭ର ଅନୁପାଳନ ବୌଦ୍ଧ ଜିଲାରେ ସଠିକ ଭାବରେ କାର୍ଯ୍ୟକାରୀ କରାଯାଉଥିବା ସେ ପ୍ରକାଶ କରିଥିଲେ। କନ୍ଧମାଳ ବିଧାୟକ ମହୀଧର ରଣା, ମୋହନା ବିଧାୟକ ଦାଶରଥୀ ଗମାଙ୍ଗ, ଦେବଗଡ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ବ୍ରଜରାଜନଗର ବିଧାୟକ କିଶୋର କୁମାର ମହାନ୍ତି, ନର୍ଲା ବିଧାୟକ ଭୂପିନ୍ଦର ସିଂହ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ କ୍ଷମତାର ବିକେନ୍ଦ୍ରୀକରଣ ଫଳରେ ସମୟସୀମା ମଧ୍ୟରେ ଲୋକେ ଉପକୃତ ହୋଇ ପାରିବେ ବୋଲି କହିଥିଲେ। ଜିଲାପାଳ ଲଲାଟେନ୍ଦୁ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଉପଜିଲାପାଳ ଅଶ୍ୱନୀ କୁମାର ମେହେର ଧନ୍ୟବାଦ ଦେଇଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାନ୍ତି,ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ବବିତାରାଣୀ ଦଳବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂହଙ୍କ ସମେତ ବିଭାଗୀୟ ଅଧିକାରୀ, ବିଡିଓ ଓ ତହସିଲଦାର ଉପସ୍ଥିତ ଥିଲେ। ପରେ କମିଟି ସଦସ୍ୟମାନେ ବୌଦ୍ଧର ଗନ୍ଧରାଡ଼ୀ ମନ୍ଦିର, ପରଗଲପୁର ଓ ଶ୍ୟାମସୁନ୍ଦରପୁର ବୁଦ୍ଧ ପୀଠ ପରିଦର୍ଶନ କରିଥିଲେ।

## ଫୁଟବଲ: ବରଗଡ଼ ଚାମ୍ପିୟନ


ଅତିଥିଙ୍କ ଗହଣରେ ଉପସ୍ଥିତ ଖେଳାଳି।

**ବରପାଲି,୨୪।୧୦(ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ହାଇସ୍କୁଲ ପଡ଼ିଆରେ ଚାଲିଥିବା ସୁବଳ ସାହୁ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ବରଗଡ଼ ଓ ସୋନପୁର ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ୫-୧ ଗୋଲ ସ୍କୋରରେ ପ୍ରତିପକ୍ଷ ସୋନପୁରକୁ ହରାଇ ଚାମ୍ପିୟନ ହୋଇଥିଲା। ଗ୍ରାମ୍ୟ ଉନ୍ନୟନ ଓ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂ ମୁଖ୍ୟଅତିଥି, ବିଜେପୁର ବିଧାୟିକା ରୀତା ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହା ସହିତ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଯଥାକ୍ରମେ ଚାମ୍ପିୟନ, ରନର୍ସ ଅପ୍ ଦଳକୁ ପୁରସ୍କୃତ କରିଥିଲେ ।

## ସଂକ୍ଷେପରେ

### ଶହେ କୋଟି ଟିକାକରଣ ନେଇ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ବୌଦ୍ଧ,୨୪।୧୦(ସ୍ୱ.ପ୍ର.):** କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିଥିବା କୋଭିଡ ଟିକାକରଣ କାର୍ଯ୍ୟକ୍ରମ ଅବସରରେ ଶହେ କୋଟି ଲୋକଙ୍କୁ ଟିକା ଦାନ ସମ୍ପୂର୍ଣ୍ଣ ହୋଇଛି। ଏହି ପରିପ୍ରେକ୍ଷୀରେ ଜିଲା ଭାଜପା ପକ୍ଷରୁ ବିଭିନ୍ନ ଟିକାକରଣ କେନ୍ଦ୍ରରେ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ବୌଦ୍ଧ ଟାଉନହଲ ଟିକାକରଣ କେନ୍ଦ୍ରଠାରେ ଜିଲା ଭାଜପା ସଭାପତି ବିପ୍ର ଚରଣ ମହାନ୍ତିଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କରୋନା ଯୋଦ୍ଧା ଭାବରେ ଟିକାକରଣ ଅଧିକାରୀ ଡା. ବି.କେ.ହେମ୍ବ୍ରମ, ସ୍ୱାସ୍ଥ୍ୟ କର୍ମଚାରୀ ଗିରିଜା ମିଶ୍ର,ଶୁଭଲକ୍ଷ୍ମୀ ଦାଶ,ଦୀପ୍ତିମୟୀ ବରିହା ଓ ସଲିମ ମେହେରଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ପକ୍ଷରୁ ବରିଷ୍ଠ ନେତା ମନୋରଞ୍ଜନ ଦାଶ, ଶ୍ୟାମସୁନ୍ଦର ପୁରୋହିତ, ତାପସ କୁମାର ପଟ୍ଟନାୟକ,ପ୍ରେମାନନ୍ଦ ମିଶ୍ର,ନମିତାରାଣୀ ଦାଶ, ଏନ. ଦାନୀ ଓ ଗଣେଶ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

### ରଜତ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ

**ବାଉଁଶୁଣୀ,୨୪।୧୦(ଡି.ଏନ.ଏ.):** ରବିବାର ପୂର୍ବାହ୍ନରେ ଜିଲା ଯୁବ ତୁମ୍ବାଳ ବିକାଶ ପରିଷଦ ପକ୍ଷରୁ ରଜତ ଜୟନ୍ତୀ ପାଇଁ ପ୍ରସ୍ତୁତି ବୈଠକ ବୌଦ୍ଧ ବ୍ଲକ ତେଲିବନ୍ଧ ଗ୍ରାମ ପଞ୍ଚାୟତର କମଳପୁର ମାହେଶ୍ୱରୀ ବିହାରଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଭୂମିପୂଜନ, ଶୁଭଖମ୍ବ ସ୍ଥାପନ କରାଯାଇଥିଲା । ପୂଜକ ଭାବେ ଦୁର୍ଯ୍ୟୋଧନ ପ୍ରଧାନ, ନିର୍ଗୁଣ ମହାକୁଡ଼ ଓ କର୍ତ୍ତା ଭାବେ ଧନେଶ୍ୱର ଅମାତ ଓ କୃତ୍ତିବାସ ପଲିଆ ଦାୟିତ୍ୱ ତୁଲାଇଥିଲେ । ବୈଠକରେ ସଭାପତି ଶମ୍ଭୁ ଗିରି ଅଧକ୍ଷତା କରିଥିବା ବେଳେ ସମ୍ପାଦକ କୃତ୍ତିବାସ ପଲିଆ ବିବରଣୀ ପାଠ କରିଥିଲେ । ବିଭିନ୍ନ ଆଲୋଚନାରେ ଅରବିନ୍ଦ ମହାକୁଡ଼, ଅକ୍ରୁର କଳତା, ବିଶିକେଶନ ପ୍ରଧାନ, ପ୍ରଭାତ ପ୍ରଧାନ, ଶ୍ରୀନିବାସ ପ୍ରଧାନ, ମହେଶ୍ୱର ପ୍ରଧାନ, ମହେନ୍ଦ୍ର ମହାକୁଡ଼ , ବିକ୍ରମ ମହାକୁଡ଼, ଦେଶବନ୍ଧୁ ମହାକୁଡ଼, ଅଜିତ ମହାକୁଡ଼, ଦିଲ୍ଲୀପ କର୍ମୀ, ରିଲୁ ପ୍ରଧାନ, ସୌଭାଗ୍ୟ କଳତା, ଘୁଂଡୁ ମହାକୁଡ଼, ଶଙ୍ଖାଳି ଗିରି ପ୍ରମୁଖ ଭାଗ ନେଇଥିଲେ । ଏହି ଅବସରରେ ଆସନ୍ତା ନଭେମ୍ବର ୨ ଓ ୩ ତାରିଖ ଦୁଇଦିନ ଧରି କମଲପୁର ମାହେଶ୍ୱରୀ ବିହାରଠାରେ କଳସ ଯାତ୍ରା, ଗୋ ପୂଜନ ଓ ସମ୍ବର୍ଦ୍ଧନା, ମାହେଶ୍ୱରୀ ଯଜ୍ଞ, ଯୁବ ମହିଳା, ପଛୁଆବର୍ଗ ସମାବେଶ ଅନୁଷ୍ଠିତ ହେବା ସହ ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି କାର୍ଯ୍ୟକ୍ରମ ହେବାକୁ ସ୍ଥିର କରାଯାଇଥିଲା ।

## ଟ୍ରାଫିକ ନିୟମ କଡ଼ାକଡ଼ି କରିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

**ବୌଦ୍ଧ,୨୪।୧୦(ସ୍ୱ.ପ୍ର.)**

### ସଡ଼କ ସୁରକ୍ଷା ସମିତି ବୈଠକ

ବୌଦ୍ଧ ଜିଲା ସଡକ ସୁରକ୍ଷା ସମିତିର ଏକ ବୈଠକ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ବୈଠକରେ ଜିଲାରେ ବୃଦ୍ଧି ପାଉଥିବା ସଡକ ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ । ଏଥିସହିତ ବାରମ୍ବାର ନିର୍ଦ୍ଦେଶ ପରେ ମଧ୍ୟ ଜାତୀୟ ରାଜପଥରେ ଦୁର୍ଘଟଣା ସ୍ଥଳଗୁଡିକ ଚିହ୍ନଟ କରାଯାଇ ଗାଡିଚାଳକମାନଙ୍କ ପାଇଁ ଉପଯୁକ୍ତ ସୂଚନା ଫଳକ ଲଗାଯାଉ ନ ଥିବାରୁ ନିଜର ଅସନ୍ତୋଷ ପ୍ରକାଶ କରିଥିଲେ।

ବୈଠକରେ ଦିଆଯାଇଥିବା ସୂଚନା ମୁତାବକ, ୨୦୨୦ ସେପ୍ଟେମ୍ବର ମାସ ମଧ୍ୟରେ ୯୪ଟି ଦୁର୍ଘଟଣା ଘଟି ୪୭ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୧ ସେପ୍ଟେମ୍ବର ମାସ ମଧ୍ୟରେ ଏହି ସଂଖ୍ୟା ଆଶାତୀତ ଭାବରେ ବୃଦ୍ଧି ପାଇ ୧୧୭ଟି ଦୁର୍ଘଟଣା ଘଟି ୬୧ ଜଣଙ୍କ ମୃତ୍ୟୁ ହୋଇ ସାରିଲାଣି। କେବଳ ଜୁନ ମାସରେ ୧୯ଟି ଦୁର୍ଘଟଣାରେ ସର୍ବାଧିକ ୧୨ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ଚଳିତବର୍ଷର ଜାନୁୟାରୀ ମାସରେ ୧୫ଟି ଦୁର୍ଘଟଣାରେ ୬ ଜଣ, ଫେବୃୟାରୀରେ ୧୭ଟି ଦୁର୍ଘଟଣାରେ ୬ ଜଣ, ମାର୍ଚ୍ଚରେ ୧୨ଟି ଦୁର୍ଘଟଣାରେ ୭ ଜଣ, ଏପ୍ରିଲ ମାସରେ ୧୧ଟି ଦୁର୍ଘଟଣାରେ ୮ ଜଣ, ମେ ମାସରେ ୫ଟି ଦୁର୍ଘଟଣାରେ ୩ ଜଣ, ଜୁନ ମାସରେ ୧୯ ଦୁର୍ଘଟଣାରେ ୧୨ ଜଣ, ଜୁଲାଇ ମାସରେ ୧୧ ଦୁର୍ଘଟଣାରେ ୭ ଜଣ, ଅଗଷ୍ଟ ମାସରେ ୧୪ ଦୁର୍ଘଟଣାରେ ୬ ଜଣ ଓ ସେପ୍ଟେମ୍ବର ମାସରେ ୧୩ ଟି ଦୁର୍ଘଟଣାରେ ୬ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ଜାତୀୟ ରାଜପଥ ନିର୍ମାଣ ହେବା ପରେ ବେପାରୁଆ ଗାଡିଚାଳନା ଯୋଗୁ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବାରୁ ଟ୍ରାଫିକ୍ ନିୟମ କଡାକଡି ଭାବରେ ଲାଗୁ କରିବାକୁ ଜିଲାପାଳ ମିଶ୍ର ବୈଠକରେ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କୁ ଧରାଯାଇ ୫ ହଜାର ଟଙ୍କା ଲେଖାଏ ଫାଇନ ଆଦାୟ କରିବାକୁ ଆଞ୍ଚଳିକ ପରିବହନ ବିଭାଗ ଓ ଜିଲା ପୋଲିସକୁ ନିର୍ଦ୍ଦେଶ ଦିଆଯାଇଛି। ବୌଦ୍ଧ ସହରର ଏନଏସି ଛକଠାରେ ସ୍ଥାପିତ ନୂତନ ଟ୍ରାଫିକ ସିଗନାଲକୁ ସକାଳ ୯ଟାଠାରୁ ରାତ୍ରି ୯ ଟା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା, ଜାତୀୟ ରାଜପଥରେ ସମସ୍ତ ଦୁର୍ଘଟଣାସ୍ଥଳକୁ ଚିହ୍ନଟ କରାଯାଇ ଗତି କମାଇବାକୁ ଗାଡିଚାଳକମାନଙ୍କ ପାଇଁ ସୂଚନା ଫଳକ ଲଗାଇବା, ବୌଦ୍ଧ ଏନଏସି ଛକ, ମହାନଦୀ ବ୍ରିଜ ଛକ ଓ ଜାମୁଛକଠାରେ ସିସିଟିଭି କ୍ୟାମେରା ଲଗାଇବା ଓ ଗୃହରକ୍ଷୀମାନଙ୍କୁ ଟ୍ରାଫିକ୍ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ବୈଠକରେ ଜିଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନ ରଞ୍ଜନ ମହାନ୍ତି, ଅତିରିକ୍ତ ଜିଲାପାଳ ଅଶ୍ୱନୀ କୁମାର ମେହେର, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ବବିତା ରାଣୀ ଦଳବେହେରା, ଜୁନିୟର ଏମଭିଆଇ ପ୍ରମୋଦ କୁମାର ସିଂହ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଶାନ୍ତନୁ କୁମାର ନାଏକ, ବୌଦ୍ଧ ଏନଏସି ନିର୍ବାହୀ ଅଧିକାରୀ ଇଂ. ମନୋରଞ୍ଜନ ପଣ୍ଡା, ବୌଦ୍ଧ କଲେଜ ଏନସିସି ଅଧିକାରୀ ପ୍ରାଧ୍ୟାପକ ଡ. ମହେନ୍ଦ୍ର ନାଥ ଦେବତା,ସୂଚନା ଓ ଲୋକସଂପର୍କ ଅଧିକାରୀ ରୀତାକାନ୍ତି ବଳିୟାରସିଂ,ସଡକ ସୁରକ୍ଷା କମିଟି ସଦସ୍ୟ ଶଶାଙ୍କ ଶେଖର ମିଶ୍ରଙ୍କ ସମେତ ଜାତୀୟ ରାଜପଥ ଓ ଆଞ୍ଚଳିକ ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## କଣ୍ଠଶିଳ୍ପୀ ଅଭିଜିତ ପୂଜାହାରୀଙ୍କ ସ୍ମୃତିସଭା

**ବିନିକା,୨୪।୧୦(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ସହରର ଏକ ହୋଟେଲରେ ରବିବାର କଣ୍ଠଶିଳ୍ପୀ, ଗିଟାର ବାଦକ, କବି ତଥା ମେଧାବୀ ଛାତ୍ର ସ୍ୱର୍ଗତ ଅଭିଜିତ ପୂଜାହାରୀଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ରୁମକୁ ଝୁମାନା ପକ୍ଷରୁ ଆୟୋଜିତ ସ୍ମୃତିସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ପଣ୍ଡା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ ନନ୍ଦ ଅତିଥିଭାବେ ଯୋଗଦେଇ ଅଭିଜିତଙ୍କ କଳାକାରିତାର ସ୍ମୃତିଚାରଣ କରିଥିଲେ । ସମ୍ମାନିତ ଅତିଥିଭାବେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଭ୍ୟ ଶାଶ୍ୱତ ତ୍ରିପାଠୀ, ବିନିକା ଓକିଲ ସଂଘ ସଭାପତି ସୁଧାଂଶୁ ଶେଖର ଦାଶ ଯୋଗଦେଇ ଅଭିଜିତ କିଭଳି ଖୁବ୍ କମ୍ ବୟସରେ ଲୋକପ୍ରିୟ ହୋଇ ପାରିଥିଲେ ତାହାର ଅବତାରଣ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଦେବାନନ୍ଦ ଦାଶ, ବୃନ୍ଦାବନ ମିଶ୍ର, ଅଧ୍ୟାପକ ଧୀରେନ୍ଦ୍ର ନାୟକ, ଗୀତା ସାହୁ, ଅରୁଣୀ ତ୍ରିପାଠୀ, ସୌମିତ୍ର ପତି ସଭାରେ ଉପସ୍ଥିତ ରହି ଅଭିଜିତଙ୍କ ସ୍ମୃତିଚାରଣ କରିଥିଲେ । ଶିକ୍ଷକ ହିମାଂଶୁ ଭୂଷଣ ପଣ୍ଡା ସଭା ପରିଚାଳନା କରିଥିଲେ।

# ଲୋକକଳା ବଞ୍ଚିଲେ ସଂସ୍କୃତି ବଞ୍ଚିବ

**ବରଗଡ଼ ଅଫିସ୍,୨୪।୧୦**

ଯେଉଁଠି କଳା, ସେଇଠି ସଂସ୍କୃତି। କଳା ମଣିଷକୁ ବଞ୍ଚିବା ଶିଖାଏ। ଲୋକକଳା ବଞ୍ଚିଲେ ଲୋକ ସଂସ୍କୃତି ବଞ୍ଚିବ। ଲୋକକଳା ବଞ୍ଚାଇବା ପାଇଁ ମିଳିତ ଉଦ୍ୟମ ଲୋଡା। ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ପକ୍ଷରୁ ବରଗଡ଼ରେ ଅନୁଷ୍ଠିତ ଦ୍ୱିଦିବସୀୟ ଲୋକକଳା ଜାଗରଣ ଓ କଳାକାର ଭେଟ୍‌ର ରବିବାର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଏହା କହିଛନ୍ତି। ବରଗଡ଼ ଏସ୍‌ପି ରାହୁଲ ଜୈନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, କଳାକାରଙ୍କ ସମସ୍ୟା ଆଗାମୀ ଦିନରେ ଦୂର ହେବ ଏବଂ କଳାକାରମାନେ ନିଜର କଳା ପରିବେଷଣ କରିପାରିବେ। ସେହିପରି ସମାଜସେବୀ ଚନ୍ଦ୍ରଶେଖର ବାଗ କଳାକାରଙ୍କ ସହିତ ସବୁଦିନ ଯୋଡ଼ି ହୋଇ ରହିଛନ୍ତି ବୋଲି କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଳାକାରଙ୍କ ପାଇଁ ରହିଥିବା ସରକାରୀ ସହାୟତା ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାରପ୍ରାପ୍ତ ନାଟ୍ୟ ନିର୍ଦ୍ଦେଶକ ହରି ମିଶ୍ର, ସୁଶୀଳା ନାୟାର, କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରମେଶ ସୁନା, ନାଟ୍ୟକାର ଅରୁଣ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।


ସମାବେଶରେ କଳାକାରଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

### କଳାକାର ସମାବେଶ ଉଦ୍‌ଯାପନୀ ସମାରୋହ

ରାଜ୍ୟ କଳାକାର ମହାସଂଘ ସମ୍ପାଦକ ବାପି ପଣ୍ଡା ସମସ୍ତ କଳାକାର ନିଜ ମଧ୍ୟରେ ଏକତା ରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ସୌଖିନ କଳାକାର ସଂଘ ସଭାପତି ଅଶ୍ୱିନୀ ପଣ୍ଡା, ପଶ୍ଚିମ ଓଡ଼ିଶା କଳାକାର ମହାସଂଘ ସଭାପତି ଚୈତନ୍ୟ ପାଇକ ପ୍ରମୁଖ ମଞ୍ଚାସୀନ ଥିଲେ। କଳାକାର ମହାସଂଘ ସମ୍ପାଦକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଶ୍ଚିମାଞ୍ଚଳ କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ନାଟ୍ୟ ଶିରୋମଣି ତୁଳାରାମ ମହାନନ୍ଦ, ନୃତ୍ୟ ନିର୍ଦ୍ଦେଶକ ରବିନ୍ଦ୍ର ବାଗ, କାର୍ତ୍ତିକ ଜାଲ, ପ୍ରମୋଦ ଦାସ, ସୁରଥ କୁଅଁର, ନବୀନ ପାଣ୍ଡେ, ଅନିରୁଦ୍ଧ ପାଇକ, ଖଗେଶ୍ୱର ସାହୁ, ଜିତେନ୍ଦ୍ରୀୟ ସାହୁ, ନରେନ୍ଦ୍ର କଣ୍ଟା, ରାଧେଶ୍ୟାମ ଭେସ୍ରା, ଜଟାଧାରୀ ପ୍ରଧାନ, ଲାଲ ଭୁଏ, ସନ୍ତୋଷ ସାହୁ, ରାଜେଶ ବାରିକ, ବିଭୁଧେନ୍ଦୁ ମହାନନ୍ଦ, ଦିଲୀପ ସୁନା, ସବିତା ପାଣିଗ୍ରାହୀ, ବାଲେଶ୍ୱର କୁଅଁର, ନୃତ୍ୟ ନିର୍ଦ୍ଦେଶକ ଗାନ୍ଧୀ ବାରିକ, ଶଙ୍କର ପଟ୍ଟନାୟକ ପ୍ରମୁଖଙ୍କୁ ମହାସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଲୋକକଳା ଭବନରୁ ୫ଶହରୁ ଊର୍ଦ୍ଧ୍ୱ କରମସାନୀ କଳାକାର ଏକ ତାଳରେ ମାଦଳ ବଜାଇ ସାଂସ୍କୃତିକ ଶୋଭାଯାତ୍ରାରେ ସୌଖୀନ ରଙ୍ଗମଞ୍ଚକୁ ଆସିଥିଲେ। ମହାସଂଘ ଉପସଭାପତି ଭୁବନେଶ୍ୱର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଥମ ପୃଷ୍ଠାରୁ...

### ଚାକିରିରୁ ବିଦାହେଲେ...

ନିରୋଧ ଆଇନ୍‌ରେ ମାମଲା (ନଂ.୧୫୯/୦୫) ରହିଥିଲା। ୨୦୧୦ରେ ଖଣ୍ଡଗିରି ଥାନାରେ ଜମିଜମା ମାମଲା ହୋଇଥିବାବେଳେ ୨୦୧୨ରେ ଶହୀଦନଗର ଥାନାରେ ମାମଲା ନଂ.୨୩୮/୧୨ ଓ ୨୦୧୯ରେ ଏକ ଟ୍ରାକ୍ଟର ଚୋରି ନେଇ ଧଉଳି ଥାନାରେ ଆଉଏକ ମାମଲା ରହିଛି। ସେହିଭଳି ୨୦୧୮ରେ ପ୍ରସନ୍ନ କଟକରେ କାର୍ଯ୍ୟ କରୁଥିବାବେଳେ ଜଣେ ଆଇଜୀବୀଙ୍କୁ ମାଡ଼ ମାରିଥିଲେ। ଏହା ପ୍ରତିବାଦରେ ଓକିଲ ସଂଘ ଦୀର୍ଘଦିନ ଧରି କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିଥିଲେ। ଏଥିପାଇଁ ପୋଲିସ ବିଭାଗର ବରିଷ୍ଠ ଅଧିକାରୀଙ୍କୁ କ୍ଷମା ମାଗିବାକୁ ପଡିଥିଲା। ୨୦୨୦ରେ କରୋନା କଟକଣା ସମୟରେ ସଚିବାଳୟ ମାର୍ଗ ନିକଟରେ ପ୍ରସନ୍ନ ମଦ ପିଉଥିବା ଭିଡିଓ ଭାଇରାଲ୍ ହୋଇଥିଲା। ସେତେବେଳେ ମଧ୍ୟ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିଲା। ପ୍ରସନ୍ନଙ୍କ ଏପରି ଆପରାଧିକ କାର୍ଯ୍ୟ ପାଇଁ ରାଜ୍ୟ ପୋଲିସ ବିବାଦମୁଣ୍ଡାଉଥିଲେ ମଧ୍ୟ ବିଭାଗ ପକ୍ଷରୁ କେବଳ ନିଲମ୍ବିତ କରାଯାଉଥିବାରୁ ଉଚ୍ଚ ଅଧିକାରୀଙ୍କ କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ବି ଉଠିଥିଲା।

### ବଢ଼ନି ବିଶ୍ୱବିଦ୍ୟାଳୟ...

ଉପଯୁକ୍ତ ମାର୍ଗଦର୍ଶନ ପାଉନାହାନ୍ତି, କାରଣ ସେମାନଙ୍କୁ ଗାଇଡ୍ କରିବା ପାଇଁ ପ୍ରକୃତ ଲୋକ ନାହାନ୍ତି। ଫଳରେ ବିଶ୍ୱବିଦ୍ୟାଳଗୁଡ଼ିକରେ ଗବେଷଣା ଉପରେ ଅଧିକ ପ୍ରଭାବ ପଡୁଛି। ତେଣୁ ଯଥାଶୀଘ୍ର ସରକାର ଅବସର ବୟସକୁ ୬୦ରୁ ୬୫କୁ ବୃଦ୍ଧି କରିଲେ କେବଳ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ନୁହେଁ, ସ୍କଲାରମାନେ ମଧ୍ୟ ବେଶ୍ ଉପକୃତ ହେବେ। ଏଥି ସହିତ ରାଜ୍ୟ ବି ଆଗକୁ ଯିବ। ଏ ନେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି, ମୁଁ ବି ୬୦ ବର୍ଷରେ ଅବସର ନେଇଛି। ଏ ଦିଗରେ କୌଣସି ପଦକ୍ଷେପ ନେବା ପାଇଁ ମୋ ପାଖରେ କ୍ଷମତା ନାହିଁ। ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ଏ ନେଇ ପଦକ୍ଷେପ ନେଇପାରିବେ। ତେବେ ବିଶ୍ୱବିଦ୍ୟାଳୟ ଅଧ୍ୟାପକଙ୍କୁ ମୁଁ ଲିଖିତ ନୁହେଁ, ମୌଖିକ ଭାବେ ସହଯୋଗ କରିପାରିବି ବୋଲି ଆଚାର୍ଯ୍ୟ କହିଛନ୍ତି।

### ରାଇବଣିଆ ଦୁର୍ଗ...

ନିର୍ମିତ ଫାଟକ ଏବେ ବି ଦୃଶ୍ୟମାନ ହୁଏ। ଅନ୍ୟ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମତରେ ଏହି ଦୁର୍ଗ ଏକ ସମୟରେ ନିର୍ମିତ ହୋଇ ନ ଥିଲା। ରାଇବଣିଆ ଦୁର୍ଗକୁ କେନ୍ଦ୍ରକରି ୧୦ମାଇଲ ଲମ୍ବରେ ରାଇବଣିଆ କୀର୍ତ୍ତିରାଜି, ପଥରରେ ଖୋଦିତ ମୂର୍ତ୍ତି ବିକ୍ଷିପ୍ତ ଭାବେ ପଡିରହିଛି। ଦୁର୍ଗ ମଧ୍ୟରେ ଓ ଚାରିପଟେ ଏବେ ବି କେତେକ ଅସ୍ତ୍ରଶସ୍ତ୍ର, କମାଣ ଆଦି ବିଭିନ୍ନ ପୋଖରୀ ଖନନରୁ ମିଳୁଛି। ରାଇବଣିଆ ପୀଠଦେବୀଙ୍କୁ ତତ୍କାଳୀନ ମୟୂରଭଞ୍ଜର ରାଜା ନେଇଯାଇ ଖିଚିଂଠାରେ ଅବସ୍ଥାପିତ କରିଥିବା ବାଲେଶ୍ୱର ଗେଜେଟିୟରରୁ ଜଣାପଡେ। ମାତ୍ର ରାଇବଣିଆଗଡର ଆରାଧ୍ୟା ଗଡଚଣ୍ଡୀ ରାଇବଣିଆ ଗ୍ରାମରେ ପୂଜା ପାଉଛନ୍ତି। ଦୁର୍ଗ ମଧ୍ୟରେ ଥିବା ଗଡଚଣ୍ଡୀ କେବଳ ଦୁର୍ଗାପୂଜା ଓ ପଣାସଂକ୍ରାନ୍ତିରେ ପୂଜା ହୁଅନ୍ତି। ଏହାର ମଧ୍ୟସ୍ଥଳରେ ଏକ ଜଗନ୍ନାଥ ମନ୍ଦିର ରହିଛି। ଲାଙ୍ଗୁଳା ନରସିଂହଦେବଙ୍କ ସମୟରେ କୋଣାର୍କ ମନ୍ଦିରର କୀର୍ତ୍ତି ଓ କଳାକାରିଗରୀ ସହିତ ରାଇବଣିଆଗଡର ଜଗନ୍ନାଥ ମନ୍ଦିର ସମ୍ପର୍କ ରହିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ପ୍ରତ୍ନତତ୍ତ୍ୱବିତ ଡ. ଅଶୋକ ମିତ୍ର ଏସିଆଟିକ ସୋସାଇଟିରୁ କିଛି ଅର୍ଥ ଆଣି ସେ ଏହାର ଖନନ ଓ ସର୍ଭେ ଆରମ୍ଭ କରୁଥିଲା ବେଳେ ହଠାତ୍ ତାଙ୍କର ମୃତ୍ୟୁ ହୋଇଥିଲା। ଫଳରେ ଖନନ କାର୍ଯ୍ୟ ସେତିକିରେ ଅଟକିଯାଇଛି। ଅନ୍ୟ ଜଣେ ଗବେଷକ ସେନଗୁପ୍ତ ଏଠାକୁ ବିଭିନ୍ନ ସମୟରେ ଆସି ପରୀକ୍ଷା ନିରୀକ୍ଷା ଚଳାଇଛନ୍ତି। ତେବେ ଲାଙ୍ଗୁଳା ନରସିଂହ ଦେବ (୧୨୩୮-୬୪) ଏହି ଦୁର୍ଗ ନିର୍ମାଣ କରିଥିବା ପ୍ରମାଣ ରହିଛି।

ଦୁର୍ଗ ଅଞ୍ଚଳରେ ପ୍ରାୟ ୫୦ଟି ଛୋଟବଡ ପୋଖରୀ ରହିଛି। ବିଭିନ୍ନ ସ୍ଥାନରେ ଥିବା ଉଚ୍ଚସ୍ଥାନକୁ ଖନନକଲେ ଏବେ ମଧ୍ୟ ଦୁର୍ଗର ଧ୍ୱଂସାବଶେଷ ବାହାରୁଛି। କିନ୍ତୁ ସରକାରଙ୍କ ଦ୍ୱାରା ଏସବୁର ଉଦ୍ଧାର, ସଂଗ୍ରହ କରାଯାଉନାହିଁ। ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ବିଧାୟକ ଅଶ୍ୱିନୀ ପାତ୍ର, ଦେବୀପ୍ରସନ୍ନ ଚନ୍ଦ, ଇଂ . ରବୀନ୍ଦ୍ର ଜେନା, ଶ୍ରୀକାନ୍ତ ଜେନା ବିଧାନସଭା ଓ ସଂସଦରେ ଦାବି ଉପସ୍ଥାପନ କରିବା ପରେ ୨୦୧୪ ମସିହାରୁ ୫୪ଲକ୍ଷ ଟଙ୍କା ବ୍ୟୟରେ ଜଗନ୍ନାଥ ମନ୍ଦିରର ନିର୍ମାଣ ଚାଲିଛି। କାରୁକାର୍ଯ୍ୟପୂର୍ଣ୍ଣ ପଥରକୁ ନେଇ ମନ୍ଦିର ପାଚେରି ନିର୍ମାଣ କରାଯାଇଥିଲେ ମଧ୍ୟ ଏବେ ତା'ର ସୁରକ୍ଷା ଜରୁରୀ ହୋଇପଡିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ରାଇବଣିଆଗଡକୁ ଯିବା ଲାଗି ୧୭ଲକ୍ଷ ଟଙ୍କା ବ୍ୟୟରେ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ମୁଖ୍ୟ ଫାଟକ ନିର୍ମାଣ ଲାଗି ୫୦ଲକ୍ଷ ଟଙ୍କା ଅଟକଳ ଧାର୍ଯ୍ୟ ହୋଇଥିବା ବେଳେ ୨୫ଲକ୍ଷ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଛି। ପର୍ଯ୍ୟଟକଙ୍କ ରାତ୍ରକାଳୀନ ଗମନାଗମନ ଲାଗି ପର୍ଯ୍ୟଟନ ବିଭାଗ ପକ୍ଷରୁ ୧୫ଲକ୍ଷ ଟଙ୍କା ବ୍ୟୟରେ ଆଲୋକୀକରଣ ଓ ପାନୀୟ ଜଳ ଲାଗି ୧୬ଲକ୍ଷ ଟଙ୍କା ବ୍ୟୟ ଅଟକଳ ହାତକୁ ନିଆଯାଇଛି। ରୁର୍‌ବାନ ଯୋଜନାରେ ୫୦ଲକ୍ଷ ଟଙ୍କା ବ୍ୟୟରେ ପାଚେରି, ପାର୍କ ଓ ପିଣ୍ଡି ଆଦି ନିର୍ମାଣ ସହିତ ୨୮ଲକ୍ଷ ଟଙ୍କା ବ୍ୟୟରେ କମ୍ୟୁନିଟି ହଲ୍ ନିର୍ମାଣର ଯୋଜନା ରହିଛି। ଦୁର୍ଗର ବହୁ ଅଂଶ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ହୋଇଥିବାରୁ ଏହା ମଧ୍ୟକୁ ପ୍ରବେଶ କରିବା ସମ୍ଭବ ହୋଇପାରୁନାହିଁ। ପର୍ଯ୍ୟଟନ ବିଭାଗ ଏହାର ବିକାଶ ଲାଗି ଗୁରୁତ୍ୱ ଦେଲେ ରାଇବଣିଆ ଅଞ୍ଚଳର ଲୋକଙ୍କ ଆର୍ଥିକ ବିକାଶ ହୋଇପାରନ୍ତା ବୋଲି ରାଇବଣିଆଗଡ ସୁରକ୍ଷା କମିଟି ସମ୍ପାଦକ ତଥା ଗବେଷକ ଶ୍ରୀକାନ୍ତ ଚରଣ ପାତ୍ର, ସଭାପତି ପ୍ରଫୁଲ୍ଲ ସୁର, ଗଡ ଉନ୍ନୟନ କମିଟି ସଭାପତି ବ୍ରିଜେଶ ରଣା, ସାଧାରଣ ସମ୍ପାଦକ ସୁକୁମାର ପ୍ରଧାନ, ସମ୍ପାଦକ ବସନ୍ତ ଘୋଷ, ସଞ୍ଜୀବ ସାମଲ, ଗଙ୍ଗାଧର ଦାସ ପ୍ରମୁଖ ମତ ଦେଇଛନ୍ତି। ଏ ସମ୍ପର୍କରେ ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କୁ ପଚାରିବାରୁ ରାଇବଣିଆ ଦୁର୍ଗର ବିକାଶ ଲାଗି ଏକ ମାଷ୍ଟରପ୍ଲାନର ଆବଶ୍ୟକ ରହିଛି। ପର୍ଯ୍ୟଟନ ବିଭାଗ ପକ୍ଷରୁ ମାଷ୍ଟରପ୍ଲାନ ଆସିଲେ ରୁର୍‌ବାନ ଯୋଜନାରେ ମିଳିବାକୁ ଥିବା ୫୦ ଲକ୍ଷ ଟଙ୍କା ବ୍ୟୟ କରାଯାଇ ଦୁର୍ଗର ବିକାଶ କରାଯାଇପାରିବ।

## ଡୁମାଲ ସମାଜ ସାଙ୍ଗଠନିକ ବୈଠକ

ଲୋଇସିଂହା,(ଡି.ଏନ.ଏ.): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ରାଣୀପାଲି ଡୁମାଲ ସମାଜର ଇଷ୍ଟଦେବୀ ମା ମାହେଶ୍ୱରୀଙ୍କ ପୀଠରେ ଡୁମାଲ ସମାଜ ଷାଠିଏ ଘରର ସାଙ୍ଗଠନିକ ଆଲୋଚନା ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲାର ୨୫ଚକ କେନ୍ଦ୍ରର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । ଜିଲା ସଭାପତି ଲମ୍ବୋଦର ମହାକୁରଙ୍କ ଅଧ୍ୟକ୍ଷତାରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଆଗାମୀ ଦିନରେ ଡୁମାଲ ସମାଜ ଅଧିରୁ ଅଧିକ କିପରି ସଂଗଠିତ ହୋଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସମାଜର ବୟୋଜ୍ୟେଷ୍ଠ ତଥା ବିଭିନ୍ନ ପଦାଧିକାରୀଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା ।

## ସଂକ୍ଷେପରେ

### ୧୨ଦାଦନ ଶ୍ରମିକ ଉଦ୍ଧାର, ସର୍ଦ୍ଦାର ଗିରଫ

**ବେଲପଡା,୨୪।୧୦(ଡି.ଏନ.ଏ.):** ବଲାଙ୍ଗୀର ଜିଲା ବେଲପଡା ଥାନା ପୋଲିସ ରବିବାର ବେଆଇନଭାବେ ଚାଲାଣ କରାଯାଉଥିବା ବେଳେ ଦୋରୋମୁଣ୍ଡା ଜଙ୍ଗଲରୁ ୧୨ଦାଦାନ ଶ୍ରମିକଙ୍କୁ ଉଦ୍ଧାର କରିଛି। ସର୍ଦ୍ଦାର ଧର୍ମେନ୍ଦ୍ର ବାଗଙ୍କୁ ଥାନାରେ ଅଟକ ରଖାଯାଇଛି । ବେହେରାମୁଣ୍ଡା ଗ୍ରାମର ଧର୍ମେନ୍ଦ୍ର ବଲାଙ୍ଗୀର ନିକଟ ଫାସଡ ଗ୍ରାମର ଶ୍ରମିକମାନଙ୍କୁ ଇଟା ଗଢିଯିବା ପାଇଁ ୪୦ହଜାର ଟଙ୍କା ଅଗ୍ରୀମ ଦେବା ପାଇଁ ଡାକିଥିଲେ। ହେଲେ ଅଗ୍ରୀମ ଟଙ୍କା ନଦେଇ ଶ୍ରମିକ ମାନଙ୍କୁ ହାଇଦ୍ରାବାଦକୁ ଜୋର ଜବରଦସ୍ତ ପଠାଇ ବ୍ୟବସ୍ଥା କରୁଥିଲେ। ଶ୍ରମିକମାନଙ୍କୁ ଜଙ୍ଗଲରେ ଅଖିଆ ଅପିଆ ଭାବରେ ସେ ରଖିଲେ। ଖବର ପାଇ ବେଲପଡା ପୋଲିସ ଜଙ୍ଗଲରେ ଥିବା ସର୍ଦ୍ଦାରଙ୍କ ଅସ୍ଥାୟୀ କ୍ୟାମ୍ପରେ ଚଢାଉ କରି ଶ୍ରମିକମାନଙ୍କୁ ଉଦ୍ଧାର କରିଥିଲେ। ପଚରାଉଚରା ବେଳେ ଧର୍ମେନ୍ଦ୍ରଙ୍କ ପାଖରେ ଦାଦନ ଚାଲାଣ ସମ୍ପର୍କିତ କୌଣସି କାଗଜ ପତ୍ର ନ ଥିବା ପୋଲିସ ଜାଣିବାକୁ ପାଇଛି । ପରେ ଉଦ୍ଧାର ଶ୍ରମିକମାନଙ୍କୁ ସେମାନଙ୍କ ଘରକୁ ପଠାଇ ଦିଆଯାଇଛି। ଏ ନେଇ ବେଲପଡା ଥାନାରେ ଏକ ମାମଲା ରୁଜୁ ହୋଇଛି। ସୋମବାର ଅଟକ ସର୍ଦ୍ଦାରଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ବୁଲୁ ମୁଣ୍ଡା କହିଛନ୍ତି।

### ପାଣି ଟାଙ୍କି ନିର୍ମାଣ ପାଇଁ ଭୂମି ପୂଜନ

**ପଲମ,୨୪।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ସର୍ଗିଗୁଡା ପଞ୍ଚାୟତସ୍ଥିତ ବାଙ୍କେଲ ଉଲିସିର୍କା, ତୁଲାଗାଁ, ସୁଜିପଡା ଓ ଭଟାଙ୍ଗ ଗ୍ରାମ ପାଇଁ ନର୍ଲା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ ସୁଜିପଡା ସାନ୍ଦୁଲ ନଦୀ ପାର୍ଶ୍ୱରେ ଇନଟେକୱେଲ ଓ ଓଭରଟ୍ୟାଙ୍କ ନିର୍ମାଣ ପାଇଁ ଶନିବାର ସର୍ଗିଗୁଡା ସରପଞ୍ଚ ନରସିଂହ କୁମାର ଭୂମି ପୂଜନ କରିଛନ୍ତି। ଏହି ଅବସରରେ ସର୍ଗିଗୁଡା ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରବିନ୍ଦ ବିଶ୍ୱାଳ, ଯୋଗାଣ ସହାୟକ ଟଙ୍କଧର ସା, ସୁଜିପଡା ୱାର୍ଡ ସଭ୍ୟ କନ୍ଦର୍ପ ନାଗ ପ୍ରମୁଖ ଉପସ୍ଥିତ ରହିଥିଲେ। କେସିଙ୍ଗା ଜଣେ ଠିକାଦାର ଏହି ଓଭରହେଡ ପାଣିଟାଙ୍କି ନିର୍ମାଣ କାର୍ଯ୍ୟର ଦାୟିତ୍ୱ ନେଇଥିବା ଜଣାପଡିଛି। ଏହାକୁ ନେଇ ତୁଲାଗାଁ, ସୁଜିପଡା ଓ ଭଟାଙ୍ଗ ଅଞ୍ଚଳବାସୀଙ୍କ ଖୁସିର ଲହରୀ ଖେଳିଯାଇଛି।

### ଫେରାର ଅଭିଯୁକ୍ତ ଗିରଫ

**ପଲମ,୨୪।୧୦(ଡି.ଏନ.ଏ.):** କଳାହାଣ୍ଡି ଜିଲା ନର୍ଲା ବ୍ଲକ୍ ଅଧୀନ ସାଲେପଡା ଗ୍ରାମର ସୁରେଶ ସେନାପତି ଗତ ଅଗଷ୍ଟ ୨୭ରେ ନିଜର ପୁତୁରା ଦୁର୍ବାଦଳ ସେନାପତିଙ୍କୁ ରଫାରେ ହାଣିବା ଘଟଣା ନର୍ଲା ଥାନାରେ ଅଭିଯୋଗ ହୋଇଥିଲା। ଘଟଣା ପରଠାରୁ ଫେରାର ଥିବା ଅଭିଯୁକ୍ତ ସୁରେଶଙ୍କୁ ପୋଲିସ ମ.ରାମପୁର ଅଞ୍ଚଳରୁ ଗିରଫ କରିଛି। ଅଭିଯୁକ୍ତଙ୍କ ସହ ତାଙ୍କର ୨ ପୁଅ ମଧ ଆକ୍ରମଣରେ ସହଯୋଗ କରିଥିବା ଅଭିଯୋଗ ହୋଇଥିଲା। ନର୍ଲା ପୋଲିସକୁ ଚକମା ଦେଖାଇ ସୁରେଶ ପରିବାର ସାଲେପଡା ଗାଁ ଛାଡି ଅନ୍ୟତ୍ର ପଳାଇ ଯାଇଥିଲେ। ଅଭିଯୁକ୍ତ ସୁରେଶର ୨ପୁଅ ବର୍ତ୍ତମାନ ସୁଦ୍ଧା ଫେରାର ଅଛନ୍ତି। ନର୍ଲା ପୋଲିସ ଆଇଆଇସି ରେଣୁକା ସୁନା ଅଭିଯୁକ୍ତଙ୍କୁ ମ.ରାମପୁର କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛନ୍ତି।

### ପୋକ ଲାଗିଥିବା ଅଞ୍ଚଳର ଚାଷୀଙ୍କ ସହ ଆଲୋଚନା

**ନୂଆପଡ଼ା ଅଫିସ,୨୪।୧୦:** ଚଳିତବର୍ଷ ସ୍ୱାଭାବିକ ବର୍ଷାଠାରୁ କମ ବର୍ଷା ହୋଇ ଥିବାରୁ ନୂଆପଡ଼ା ଜିଲାରେ ମରୁଡି ପରିସ୍ଥିତି ଦେଖାଦେଇଛି। ଖଡିଆଳ ବ୍ଲକ ରାନୀମୁଣ୍ଡା, କୋଟାମାଲ, ମହୁଲକୋଟ ଆଦି ଗାଁର ଧାନଚାଷରେ ପୋକ ଲାଗି ଧାନ ସବୁ କଳା ପଡିଯାଇ ମରିବାରେ ବସିଲାଣି । ମରୁଡି ଦାଉରୁ ରକ୍ଷା କରିଥିବା ଧାନ ଅମଳ ସମୟରେ ପୋକ ଲାଗି ନଷ୍ଟ ହୋଇ ଯିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ଏହିକ୍ରମରେ ନୂଆପଡା ଜିଲା ସାଧାରଣ ସମ୍ପାଦକ ଲମ୍ବୋଦର ନିଆଲ ରନୀମୁଣ୍ଡା ଅଞ୍ଚଳର ଚାଷଜମି ପରିଦର୍ଶନ କରିଥିଲେ। ଗାଁର ଚାଷୀମାନଙ୍କୁ ନେଇ ଏକ ସଭା କରି ଚାଷୀଙ୍କ ସମସ୍ୟା ବୁଝିବା ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରିବି ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ନିର୍ମାଣର ସମ୍ପୂର୍ଣ୍ଣ ରୂପରେଖ ଶୀଘ୍ର ପ୍ରସ୍ତୁତ ହେବ

**ବଲାଙ୍ଗୀର ଅଫିସ,୨୪।୧୦**


ବିଧାୟକ ନରସିଂହ ମିଶ୍ରଙ୍କ ସହ ଦେବୋତ୍ତର ଅଧିକାରୀମାନେ ଆଲୋଚନା କରୁଛନ୍ତି।

**ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ମୁଖଶାଳା ପୁନଃ ନିର୍ମାଣ ପ୍ରସଙ୍ଗ**

■ ବିଧାୟକଙ୍କ ସହ ଦେବୋତ୍ତର ଅଧିକାରୀଙ୍କ ଆଲୋଚନା

ଗତ ୨୨ ତାରିଖ ଅପରାହ୍ଣରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରର ମୁଖଶାଳା ଛାତ ଭୁଶୁଡି ପଡିଥିଲା । ଏହି ମୁଖଶାଳା ପୁନଃ ନିର୍ମାଣ ପ୍ରସଙ୍ଗରେ ଦେବୋତ୍ତର ଅଧିକାରୀମାନେ ରବିବାର ସ୍ଥାନୀୟ ବିଧାୟକ ନରସିଂହ ମିଶ୍ରଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନାରେ ମୁଖ୍ୟତଃ ଦେବୋତ୍ତର ସମ୍ବନ୍ଧୀୟ ମନ୍ଦିରମାନଙ୍କ ସ୍ଥିତି ଉପରେ ଅଲୋଚନା ହୋଇଥିଲା । ବହୁବର୍ଷରୁ ବଲାଙ୍ଗୀର ଜିଲାରେ ଦେବୋତ୍ତରର ଅନେକ ସମ୍ପତ୍ତି ଥିଲେ ସୁଦ୍ଧା ଏଠାକାର ନିରୀକ୍ଷକ ପଦବୀ ଖାଲି ଥିବାରୁ ବିଭାଗର ଆୟ ଅନେକାଂଶରେ ବାଟମାରଣା ହୋଇଛି ବୋଲି ବିଧାୟକ ମିଶ୍ର କ୍ଷୋଭ ପ୍ରକାଶ କରିଥିଲେ। ବୈଠକରେ ଭାଙ୍ଗିଯାଇଥିବା ମୁଖଶାଳା ନିର୍ମାଣକୁ ନେଇ ଆଲୋଚନା ହୋଇଥିଲା। ବର୍ତ୍ତମାନ ଭାଙ୍ଗି ଯାଇଥିବା ଅଂଶ ଯେତେଶୀଘ୍ର ହେବ ତିଆରି କରାଯାଇ ଶ୍ରଦ୍ଧାଳୁମାନଙ୍କ ପୂଜା ସ୍ଥିତିକୁ ଅଣାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସମାନ୍ତରାଳଭାବେ ଦେବୀ ମାଁଙ୍କ ମନ୍ଦିର ନିର୍ମାଣ ପାଇଁ ବହୁ କୋଟି ଟଙ୍କାର ଏକ ଅଟକଳ ସହିତ ଡିଜାଇନ ପ୍ରସ୍ତୁତ କରିବା ପାଇଁ ବିଧାୟକ ମିଶ୍ର କହିଥିଲେ । ସେ ଦେବୋତ୍ତର କମିଶନରଙ୍କ ସହିତ ଫୋନ ମାଧ୍ୟମରେ କଥା ହୋଇଥିବା ଜଣାଇଥିଲେ। ଯେତେଶୀଘ୍ର ହେବ ଏକ ବୈଠକ ଡକାଯାଇ ଦେବୀମାଁଙ୍କ ମନ୍ଦିର ନିର୍ମାଣର ସମ୍ପୂର୍ଣ୍ଣ ରୂପରେଖ ସହ ଚୁଡାନ୍ତ ନିଷ୍ପତ୍ତି ନିଆଯିବ ବୋଲି ବିଧାୟକ ମିଶ୍ର କହିଥିଲେ। ପୁରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ, କଣ୍ଟିଲୋର ନୀଳମାଧବ ଏବଂ ସମ୍ବଲପୁରର ସମଲେଶ୍ୱରୀ ମନ୍ଦିର ପାଇଁ କୋଟି କୋଟି ଟଙ୍କାର ଅନୁଦାନ ଆସଛି। ଏଠାରେ ମାଙ୍କ ମନ୍ଦିର ନିର୍ମାଣ ପାଇଁ ସରକାରଙ୍କୁ ସେଭଳି ପ୍ରସ୍ତାବ ଦିଆଯିବ ସେ କହିଥିଲେ । ଆଲୋଚନା ସମୟରେ ଦେବୋତ୍ତର ବିଭାଗ ଅଧିନରେ ଥିବା ଦୋକାନ ଗୃହ ମାନଙ୍କ ସ୍ଥିତିକୁ ନେଇ ମଧ ଆଲୋଚନା ହୋଇଥିଲା। ଦେବୋତ୍ତର ଅଧିକ୍ଷଣ ନିରୀକ୍ଷକ ଅନନ୍ତ ଚରଣ ମୁର୍ମୁ ଏବଂ ଡିଭିଜନାଲ ଇଞ୍ଜିନିୟର ଦକ୍ଷିଣ ଚରଣ ମୁର୍ମୁ ବଲାଙ୍ଗୀରର ମନ୍ଦିର ମାନଙ୍କ ସ୍ଥିତି, ଦୋକାନ ଗୃହ ଗୁଡିକର ସ୍ଥିତି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇ ସମସ୍ୟା ଥିବା ସ୍ଥାନ ଗୁଡିକର ନିରାକରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

# ଡିଏଫ୍ଓଙ୍କୁ ଫେରାଦ ହେଲେ ସରପଞ୍ଚ

**ଲାଠୋର, ୨୪।୧୦(ଡି ଏନ ଏ)**

**ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛନ୍ତି ବନ୍ୟଜନ୍ତୁ ଶିକାରୀ**

ବଲାଙ୍ଗୀର ଜିଲା ଲାଠୋର ବନାଞ୍ଚଳ ବେନ୍ଦେର ସେକ୍ସନରେ ଶିକାରୀମାନେ ବେଧଡକରେ ବନ୍ୟଜନ୍ତୁ ଶିକାର କରୁଛନ୍ତି। ବନ ବିଭାଗ ପକ୍ଷରୁ କୌଣସି ପ୍ରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣ ଲୋକେ ଏହାର ଶିକାର ହେଉଛନ୍ତି। ଅକାଳରେ ଚାଲି ଯାଉଛି ଜୀବନ। ଏ ନେଇ ଲାଠୋର ସରପଞ୍ଚ ପ୍ରବୀଣ ଅଗ୍ରୱାଲ ବଲାଙ୍ଗୀର ଡିଏଫ୍ଓଙ୍କୁ ଅଭିଯୋଗ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ବେନ୍ଦେର ସଂରକ୍ଷିତ ଜଙ୍ଗଲରେ ବିଭିନ୍ନ ପ୍ରଜାତିର ବନ୍ୟ ପକ୍ଷୀ ରହିଛନ୍ତି। ଏହି ଜଙ୍ଗଲ ଉପରେ ଶିକାରୀମାନଙ୍କର ଲୋଲୁପ ଦୃଷ୍ଟି ପଡିଛି। ଶିକାରୀମାନେ ନିୟମିତଭାବେ ଏହି ଜଙ୍ଗଲର ବିଭିନ୍ନ ସ୍ଥାନରେ ଜାଲ ଓ ହାଇଭୋଲଟେଜ ବିଦ୍ୟୁତ୍ ତାର ବିଛାଇ ବନ୍ୟଜନ୍ତୁ ଶିକାର କରୁଛନ୍ତି। ଶିକାରୀମାନେ ବିଛାଇଥିବା ବିଦ୍ୟୁତ୍ ତାର ଫାଶରେ ସାଧାରଣ ଲୋକ ଲାଗି ପ୍ରାଣ ହରାଇଉଥିବା ନଜିର ରହିଛି। ଅକ୍ଟୋବର ୧୯ତାରିଖ ରାତିରେ ବେନ୍ଦେର ସଂରକ୍ଷିତ ଜଙ୍ଗଲ ଅଧୀନ ସୁଲିଆବାଲ ଗ୍ରାମର ୫ଜଣ ଶିକାରୀ ବାର୍ହା ଶିକାର ପାଇଁ ବିଛାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଘୁଚାପାଲି ଗ୍ରାମର ବସନ୍ତ ରଣା ମୃତ୍ୟୁମୁଖରେ ପଡିଥିଲେ। ପ୍ରମାଣ ଲୁଚାଇବାକୁ ଶିକାରୀମାନେ ଘଟଣାସ୍ଥଳରୁ ୨କିମି ଦୂର ଜଙ୍ଗଲ ଭିତରକୁ ନେଇ ମୃତଦେହ ପୋତି ଦେଇଥିଲେ। ଘଟଣାର ୩ଦିନ ପରେ ପୋତା ଯାଇଥିବା ମୃତଦେହ ପୋଲିସ ଜବତ କରିବା ପରେ ବନ ବିଭାଗ ସୂଚନା ପାଇଥିଲା। ଏନେଇ ବେନ୍ଦେର ସେକ୍ସନ ଫରେଷ୍ଟର ସମୀର ମହାପାତ୍ରଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସେହିପରି ବନାଞ୍ଚଳ ଅଧିକାରୀ ପ୍ରଭାତୀ ସେଠଙ୍କୁ ପଚାରିବାରୁ ଘଟଣା ବିଷୟରେ ବିଳମ୍ବରେ ଖବର ପାଇଥିବା କହିଥିଲେ। ଅବହେଳା ପ୍ରଦର୍ଶନ କରୁଥିବା ବନ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ସାଧାରଣ ଲୋକ ଏମିତି ବଳି ପଡୁଥିବେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ବିଜେଡିର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ



ଉପରବାହାଲ ବିଜେଡି କର୍ମୀ ସମ୍ମିଳନୀରେ ମଞ୍ଚାସୀନ ଦଳୀୟ ନେତୃବୃନ୍ଦ।

**ଲୋଇସିଂହା,୨୪।୧୦(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୪ନଂ ଜୋନ ଉପରବାହାଲଠାରେ ବିଜେଡିର କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ଅନନ୍ତ ନାରାୟଣ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ । ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ରାଜ୍ୟ ପରିଷଦ ସଦସ୍ୟ ନିହାର ରଞ୍ଜନ ବେହେରା,ଜିଲା ଉପସଭାପତି ପ୍ରଦୀପ ଗୁରୁ, ସଧାରଣ ସମ୍ପାଦକ କୈଳାସ ମହାନ୍ତି, ବ୍ଲକ ସଭାନେତ୍ରୀ ଜ୍ୟୋସ୍ନାମୟୀ ନାହାକ ବୈଠକରେ ମଞ୍ଚାସୀନ ଥିଲେ। ପୂର୍ବତନ ଏମ୍‌ପି ସିଂଦେଓ ବିଜୁ ସ୍ୱାସ୍ଥ୍ୟ ସ୍ମାଟ କାର୍ଡ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ଉପରେ ଆଲୋକପାତ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳର ବିଜୟ ସମ୍ଭାବନାକୁ ନିଶ୍ଚିତ କରିବାକୁ ହେଲେ କର୍ମୀମାନେ ଏକଜୁଟ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସରଗାଡ, ଉପରବାହାଲ, ତଳିଉଡାର, ବାଦିମୁଣ୍ଡା, କୁଶମେଲ, ରତାଖଣ୍ଡି ଓ ବାନିପାଲି ଗ୍ରାମର ଶତାଧିକ ବ୍ୟକ୍ତି ବିଜେଡିରେ ଯୋଗଦେଇଥିଲେ। ସନ୍ଧ୍ୟାରେ ୩୩ ନଂ ଜୋନରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।

## ସମଲେଶ୍ୱରୀ ମନ୍ଦିର ଭଗ୍ନ ମୁଖଶାଳା ପରିଦର୍ଶନ କଲେ ଏମ୍‌ପି

**ବଲାଙ୍ଗୀର ଅଫିସ,୨୪।୧୦**

ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିର ମୁଖଶାଳା ଛାତ ଭୁଶୁଡି ପଡିବା ପରେ ଭକ୍ତ ଓ ଶ୍ରଦ୍ଧାଳୁ ମହଲରେ ଅସନ୍ତୋଷ ଦେଖାଦେଇଛି। ଦେବୀ ସମଲେଶ୍ୱରୀଙ୍କ ନୀତିକାନ୍ତି ସୁଚାରୁରୂପେ ସମ୍ପନ୍ନ ହେବାରେ ଅସୁବିଧା ହେଉଛି। ଏହି ମନ୍ଦିରର ସ୍ଥିତି ପରିଦର୍ଶନ କରିବାକୁ ରବିବାର ସ୍ଥାନୀୟ ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଏବଂ ପୂର୍ବତନ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ମନ୍ଦିର ପରିସରକୁ ଆସିଥିଲେ। ଶୀଘ୍ର ମନ୍ଦିର ଛାତ ମରାମତି ଓ ନିର୍ମାଣ ଉପରେ ପଦକ୍ଷେପ ନିଆଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ।

## ପଞ୍ଚାୟତସ୍ତରୀୟ ଡ଼ମ୍ବ ସମାଜ ବୈଠକ

**କୋକସରା,୨୪।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମହିମାଠାରେ ରବିବାର ଆମପାଣି ଯୋନ ଡମ୍ବ ସମାଜର ପଞ୍ଚାୟତସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଆମପାଣି ମଣ୍ଡଳ ସଭାପତି ବନମାଳୀ ବାଗ, ମୁଖ୍ୟବକ୍ତା ଭାବେ ଧୀରେନ୍ଦ୍ର ଠାକୁର, ସମ୍ମାନିତ ଅତିଥି ଭାବେ ଉପସଭାପତି ବାଲେଶ୍ୱର ବେଶ୍ରା, ଯୁଗେଶ୍ୱର ବେଶ୍ରା, ନୀଳମଣି ଖମାରୀ, ନକୁଳ ନାଏକ, ଖୀରସିନ୍ଧୁ ଛତ୍ରିଆ ପ୍ରମୁଖ ଯୋଗଦେଇଥିଲେ। ବୈଠରେ ଡ଼ମ୍ବ ସମାଜର ବିଭିନ୍ନ ବିଷୟ ଉପରେ ଆଲୋଚନା ହେବା ସହିତ କିଭଳି ଡ଼ମ୍ବ ସମାଜର ଏକତ୍ରିତ ହୋଇ ଭାଇଚାରା ସ୍ଥାପନ ହେବ ସେହି ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଖଗେଶ୍ୱର ପାଣିଗ୍ରାହୀ, ଧର୍ମୁ ଦୁର୍ଗା, ଚିନିଲାଲ ନିଆଲ, ଲକ୍ଷ୍ମଣ ମଙ୍ଗରାଜ, ମକର ବାଗ, ମଦନ ଛତ୍ରିଆ, ଚୈତନ୍ୟ ପାତ୍ରଙ୍କ ସମେତ ବିଭିନ୍ନ ପଞ୍ଚାୟତର କର୍ମକର୍ତ୍ତା। ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ: ଥନଟ ଚାମ୍ପିୟନ


ଚାମ୍ପିୟନ ଥନଟ ଦଳର ଖେଳାଳିମାନେ।

**ଧର୍ମଗଡ,୨୪।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଟିପିଗୁଡା ପଞ୍ଚାୟତ ଅନ୍ତର୍ଗତ କୋତମେରଠାରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଅପରାହ୍ଣରେ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳ ଥନଟ ଓ ତରଞ୍ଜା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତରଞ୍ଜା ପ୍ରଥମେ ଟସ୍ ଜିଣି ଫିଲଡିଂର ନିଷ୍ପତ୍ତି ନେଇଥିଲା। ଥନଟ ୯.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୯୬ ରନ୍ ସଂଗ୍ରହ କରିଥିଲା। ଜବାବରେ ତରଞ୍ଜା ୯.୫ ଓଭରରେ ସମସ୍ତ ଉଇକେଟ୍ ହରାଇ ୫୪ ରନ୍ କରି ପରାସ୍ତ ହୋଇଥିଲା। ଥନଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଥିଲା। କୋତମେର ଯୁଥ୍ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହରେ ଅତିଥି ଭାବେ ସାମାଜିକ କର୍ମୀ ମହେନ୍ଦ୍ର ପଣ୍ଡା, ବିଜୟ ବେମାଲ, ଗଣେଶ ପଣ୍ଡା, ଦେବେନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଶାଙ୍କୁ ବଢ଼ିଲା ସହାୟତାର ହାତ

**ଲୋଇସିଂହା,୨୪।୧୦(ଡି.ଏନ.ଏ.)**


ଆଶାଙ୍କୁ ଭେଟୁଛନ୍ତି ସତ୍ୟସାଇ ସେବା ସମିତି ସଦସ୍ୟ।

ବଲାଙ୍ଗୀର ଜିଲା ଲୋଇସିଂହା ବସ୍ତି ଡେଲି ମାର୍କେଟର ମେଧାବୀ ଛାତ୍ରୀ ଆଶା ମେହେରଙ୍କୁ ବଲାଙ୍ଗୀର ସତ୍ୟସାଇ ସେବା ସମିତି ଓ ସାଇ ସନାତନ ମହିଳା ବିଭାଗ ସଦସ୍ୟ ରବିବାର ସାକ୍ଷାତ କରିଥିଲେ । ଆବାହକ ଶଙ୍କର ପ୍ରସାଦ ବନଛୋର, ସଂଯୁକ୍ତା ବନଛୋର, ସୁଶାନ୍ତ ବାରିକ, ଗୀତାଞ୍ଜଳି ବାରିକ, ଅଶୋକ କୁମାର ଅଗ୍ରୱାଲ ପ୍ରମୁଖ ଆଶାଙ୍କ ଘରକୁ ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିଥିଲେ। ଉଚ୍ଚଶିକ୍ଷା ପାଇଁ ଆଡମିଶନ ବାବଦକୁ ୭ ହଜାର ଟଙ୍କା ଦେବା ସହ ଏକବର୍ଷ ପର୍ଯ୍ୟନ୍ତ ମାସକୁ ୧ ହଜାର ଟଙ୍କା ଲେଖାଏ ସହାୟତା ଦେବାକୁ ସମିତି ସ୍ଥିର କରିଛି। ସୂଚନାଯୋଗ୍ୟ ଯେ, ନିକଟରେ ପ୍ରକାଶିତ ପିଜି ଏଣ୍ଟ୍ରାନ୍ସ ପରୀକ୍ଷାରେ ଆଶା ରାଜ୍ୟରେ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ହେଲେ ମେଧାବୀ ଝିଅର ଉଚ୍ଚ ଶିକ୍ଷାକ୍ଷେତ୍ରରେ ଅର୍ଥ ପ୍ରତିବନ୍ଧକ ସାଜିଥିବା ତାଙ୍କ ବାପା କରମ ମେହେର କହିଥିଲେ । ଏନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ବିଭିନ୍ନ କ୍ଷେତ୍ରରୁ ଆଶାଙ୍କୁ ସହାୟତାର ହାତ ବଢି ଚାଲିଛି ।

# ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା


ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

**କୋକସରା,୨୪।୧୦(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ରବିବାର ଗମ୍ଭାରୀଗୁଡା ନିୟନ୍ତ୍ରିତ ବାଜାର କମିଟି ପ୍ରାଙ୍ଗଣରେ ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ସଂଘ ଆବାହକ ନୀଳକଣ୍ଠ ମାଝିଙ୍କ ସଭାପତିତ୍ୱରେ ଭତ୍ରା, ଶବର, ଗଣ୍ଡ, କନ୍ଧ, ହଲବା, ବାରା, ଭୁିଆ ଆଦି ସମ୍ପ୍ରଦାୟର ଆଦିବାସୀ ସମାଜ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବୈଠକରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ସଂଗ୍ରାମ କରିବା ସହ ଆଦିବାସୀଙ୍କ ମଧ୍ୟରେ ରହିଥିବା ଭାଇଚାରାକୁ ଉଜାଗର କରିବା ଉପରେ ମତପ୍ରକାଶ ପାଇଥିଲା। ସମାବେଶରେ ମୁଖ୍ୟଅତିଥି ଭାବେ ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାଝି, ଜିଲା ଉପସଭାପତି ଲଳିତ ନାଏକ, ଜୟପାଟଣା ବ୍ଲକ ସଭାପତି ସୁଶାନ୍ତ କୁମାର ନାଏକ, ଧର୍ମଗଡ଼ ସଭାପତି ଭବେଶ ଗୋଣ୍ଡିଆ, କଳମପୁର ବ୍ଲକ ସଭାପତି କରଣ ଝାଙ୍କର, କୋଷାଧ୍ୟକ୍ଷ ଉଦ୍ଧବ ପାତ୍ର, ଆଦିକନ୍ଦ ସମାଜରୁ ଅନିରୁଦ୍ଧ ପାତ୍ର, ଗଣ୍ଡ ସମାଜରୁ ନନ୍ଦ କିଶୋର ଧରୁଆ, ଶବର ସମାଜ ପକ୍ଷରୁ ସୁଶିଳ କୁମାର ଶବର, ବାରା ସମାଜରୁ ଦୁର୍ଗା ନାଏକ, ହଲବା ସମାଜରୁ ସହଦେବ ନେଗି, ଭତ୍ରା ସମାଜରୁ ଜିଲା ସମ୍ପାଦକ ରତୁରାଜ ମାଝି, ଗରୁଡ଼ ଧ୍ୱଜ ମାଝି, ସୁଧୀର ପାତ୍ର, ଦୁର୍ଯ୍ୟୋଧନ ପୂଝାରି, ଭୁିଆ ସମାଜରୁ ଭରତ ଚନ୍ଦ୍ର ପୂଝାରୀ ଓ ପୂର୍ବତନ ଆଦିବାସୀ ମହିଳା ସରପଞ୍ଚ ଜନେକ ନାଏକ ନିଜ ସମାଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଆଦିବାସୀ ସମାଜ ବ୍ଲକ ସଭାପତି ଭାବେ ହେମନ୍ତ ମାଝି, ଉପସଭାପତି ଅଶୋକ ପୂଝାରୀ, ଜୟଲାଲ ନାଏକ, ସାଧାରଣ ସମ୍ପାଦକ ତ୍ରିନାଥ ଶବର, ସହ ସମ୍ପାଦକ ଦୈତାରି ଭୋଇ, କ୍ଷୀରସିନ୍ଧୁ ମାଝି, କୋଷାଧ୍ୟକ୍ଷ ଭାବେ ରାଜେନ୍ଦ୍ର ନାଏକଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ବୈଦ୍ୟନାଥ ମାଝି, ଗୋବିନ୍ଦ ନାଏକ, ରାମକୃଷ୍ଣ ମାଝି, ଗରୁଡ଼ ଧ୍ୱଜ ମାଝି, ଜନେକ ନାଏକ, ନନ୍ଦ କିଶୋର ଧରୁଆ, ବିଶ୍ୱମ୍ଭର ଶବର, ଅଚ୍ୟୁତାନନ୍ଦ ମାଝି, ଦୁର୍ଗା ନାଏକ, ଗୋପିଚାନ୍ଦ ନାଏକ, ଯମୁନା ମାଝିଙ୍କୁ ଚୟନ କରାଯାଇଛି। ଏହି ବୈଠକତ୍ରିନାଥ ଶବର ଉପସ୍ଥାପନା କରିଥିଲେ।

ଧରିତ୍ରୀ DHARITRI
Wants aggressive and result oriented
MARKETING EXECUTIVES
● Fluency in Odia and English essential minimum 2 years experience in sales/ marketing.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
WEB OFFSET COLOUR UNIT ASSISTANT
● Web Offset Machine Operator with minimum 2 years experience.
Apply within 10 days to : recruitment@dharitri.com
Pay & Perks will be best in the industry for deserving candidates.

GOVERNMENT OF ODISHA
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.)
DHENKANAL DIVISION, DHENKANAL
No.1182 Date 04.10.2021
INVITATION FOR BIDS (IFB)
e procurement notice
Bid Identification number / Tender Call Notice
No.E.E.(A) D/D-03 of 2021-22
No.L-78:- The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the projects are approximately from 5.00 lakhs to 50.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 25.10.21 at 10.00 hours to 01.11.21 at 16.00 hours. The bid will be opened on 05.11.21 at 11.00 hours in the O/o Executive Engineer, (Agril.), Dhenkanal Division, Dhenkanal. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
Email ID- eeagri.dhenkanal@gmail.com
Sd./- Executive Engineer (Agril)
Dhenkanal Division, Dhenkanal
OIPR-01446/11/0001/2122

## ଗାଡ଼ି ଧକ୍କାରେ ବୃଦ୍ଧାଙ୍କ ମୃତ୍ୟୁ

ଅମରପାଲି,(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅନ୍ତର୍ଗତ ପୁଲେଶ୍ୱର ଗ୍ରାମରେ ରବିବାର ସକାଳୁ ଏକ ଗାଡି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତା ହେଲେ ଛାଇ ନାଏକ(୬୦) । ସକାଳୁ ବୃଦ୍ଧା ଜଣକ ରାସ୍ତା ଉପରେ ଯାଉଥିବା ବେଳେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଗାଡିକୁ ନେଇ ଡ୍ରାଇଭର ପଳାଇ ଯାଇଥିଲେ। ବୃଦ୍ଧାଙ୍କୁ ଗୁରୁତର ଅବସ୍ଥାରେ ସୋନପୁର ଡାକ୍ତରଖାନା ନିଆଯାଇ ଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

# ତଦନ୍ତ ଶିଥିଳ, ବଢୁଛି ଅସନ୍ତୋଷ

ବରଗଡ଼ ଅଫିସ୍,୨୪।୧୦

ପୋଲିସ ହେପାଜତରେ ଥିବାବେଳେ ବରଗଡ଼ ସହର ଉପକଣ୍ଠ ଟୋରା ଗ୍ରାମର ଯୁବକ ଗୋବିନ୍ଦ କୁମ୍ଭାରଙ୍କ ମୃତ୍ୟୁ ମାମଲାର ତଦନ୍ତ ଶିଥିଳ ହୋଇ ପଡ଼ିଛି। ରାଜ୍ୟ ମାନବାଧିକାର ସୁରକ୍ଷା ସେଲ (ଏଚ୍ଆରପିସି) ଏହାର ତଦନ୍ତ କରୁଛି। ମାତ୍ର ତଦନ୍ତରେ ଅଗ୍ରଗତି ହେବା ଭଳି ଅନୁଭବ ହେଉନାହିଁ। ଏହାକୁ ନେଇ ଜନ ଅସନ୍ତୋଷ ବଢ଼ି ଚାଲିଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ବରଗଡ଼ ସାମ୍ବାଦିକ ଭବନରେ ଜିଲା ସମ୍ବିଧାନ ସୁରକ୍ଷା ମଞ୍ଚ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଙ୍ଗଠନକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ଘଟଣାକୁ ନେଇ ଜିଲାପାଳଙ୍କୁ ଏକ ଆଇନଜୀବୀ ପାନେଲ ଭେଟିବା ଏବଂ ଆସନ୍ତା ୨୭ତାରିଖରେ ପୁଣି ଏକ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିଲା।

ସମ୍ବିଧାନ ସୁରକ୍ଷା ମଞ୍ଚର ଆବାହକ ପବିତ୍ର ଦେହେରୀ, ରମେଶ ମହାପାତ୍ର, ମେରିୟମ ବାର୍ଲା, ଅଲିମ ରିଜଭି, ଧ୍ୟାନ ଦୀପକ ପ୍ରମୁଖ ମଞ୍ଚାସୀନ ଥିଲେ। ଗୋବିନ୍ଦ ମୃତ୍ୟୁର ତଦନ୍ତ ଶିଥିଳ ହୋଇପଡ଼ି ଥିବାଯୋଗୁ ପରବର୍ତ୍ତୀ ପଦକ୍ଷେପ ପାଇଁ ମଞ୍ଚର କର୍ମକର୍ତ୍ତାମାନେ ବିଭିନ୍ନ ସଙ୍ଗଠନର ପରାମର୍ଶ ନେଇଥିଲେ।



ବୈଠକରେ ମଞ୍ଚାସୀନ ସମ୍ବିଧାନ ସୁରକ୍ଷା ମଞ୍ଚର ପ୍ରତିନିଧିବୃନ୍ଦ।

**ପୋଲିସ ହେପାଜତରେ ମୃତ୍ୟୁ ଘଟଣା**
- ସମ୍ବିଧାନ ସୁରକ୍ଷା ମଞ୍ଚର ଉଦବେଗ
- ବିଭିନ୍ନ ସଂଗଠନକୁ ନେଇ ବୈଠକ
- ଜିଲାପାଳଙ୍କୁ ଭେଟିବାକୁ ନିଷ୍ପତ୍ତି

ବରିଷ୍ଠ ଆଡ଼ଭୋକେଟ ଶିରୀଶ ବଲ୍ଲଭ ମିଶ୍ର, ଲିପସିତ୍ ମିଶ୍ର, ଭାଜପା ନେତା ରବି ନାରାୟଣ ଦାଶ, ଅକ୍ରୂର ମଲ୍ଲିକ, କଂଗ୍ରେସ ନେତା ନିପନ ଦାଶ, ପାଣ୍ଡବ କର୍ଣ୍ଣ, ଆମ ଆଦମୀ ପାର୍ଟିର ଭବାନୀ ପ୍ରସାଦ ସାହୁ, ବରିଷ୍ଠ ଖବରଦାତା ବିରେନ୍ଦ୍ର ପ୍ରଧାନ, ସଂକଳ୍ପ ପରିବାରର ବିକାଶ ଅଗ୍ରୱାଲ, କୋଶଲ ସେନାର ବିରବଲ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ଗୋବିନ୍ଦଙ୍କ ମୃତ୍ୟୁ ଏବଂ ମୃତକଙ୍କ ପରିବାରକୁ ନ୍ୟାୟ ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ।

ପ୍ରକାଶଥାଉକି, ସେପ୍ଟେମ୍ବର ୨୪ତାରିଖ ବିଳମ୍ବିତ ରାତ୍ରିରେ ବରଗଡ଼ ଟାଉନ ଥାନା ପୋଲିସ ଗୋବିନ୍ଦଙ୍କୁ ଥାନାକୁ ଉଠାଇ ଆଣିଥିଲା। ପରଦିନ ପରିବାର ଲୋକେ ଜିଲା ମୁଖ୍ୟ ଡାକ୍ତରଖାନାରେ ଗୋବିନ୍ଦଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ପୋଲିସ ମାଡ଼ ଯୋଗୁ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେହିପରି ଘଟଣାର ବିଧିବଦ୍ଧ ତଦନ୍ତ, କାର୍ଯ୍ୟାନୁଷ୍ଠାନ ଦାବିରେ ବିଭିନ୍ନ ସଙ୍ଗଠନ ଆନ୍ଦୋଳନକୁ ଓହ୍ଲାଇଥିଲେ। ଭାରତୀୟ ବିକାଶ ପରିଷଦ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଏ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଛନ୍ତି। ଏହାସତ୍ତ୍ୱେ ତଦନ୍ତ ଆଖିଦୃଶିଆ ହୋଇ ନ ଥିବାରୁ ପୁଣି ଆନ୍ଦୋଳନ ଆଶଙ୍କା ପ୍ରକାଶ ପାଇଛି।

## ସଂକ୍ଷେପରେ

### ଚିତ୍ରଗୁପ୍ତ ପୂଜା ପାଇଁ ପ୍ରସ୍ତୁତି ବୈଠକ

ସୋନପୁର,୨୪।୧୦(ନି.ପ୍ର.): ସୁବର୍ଣ୍ଣପୁର ଜିଲା କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ପୂଜା ପାଇଁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କୋଭିଡ କଟକଣା ଅନୁଯାୟୀ ଚଳିତବର୍ଷ କେବଳ ବିଧି ଅନୁଯାୟୀ ସୀମିତ ସଂଖ୍ୟାର ଲୋକଙ୍କୁ ନେଇ ପୂଜା କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ସମାଜର ସଭାପତି ପ୍ରକାଶ ଚନ୍ଦ୍ର ବେବର୍ତ୍ତା, ବରିଷ୍ଠ ସଭ୍ୟ ଡ. ଜ୍ୟୋତିପ୍ରକାଶ ବହିଦାର, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଦେବ ରଞ୍ଜନ ଦାନୀ, ହେମଲତା ବକ୍ସି, ରାଜେଶ ପଟ୍ଟନାୟକ, ହରିଶଙ୍କର ପଟ୍ଟନାୟକ, ବଳରାମ ପଟ୍ଟନାୟକ, ଅଶୋକ ପଟ୍ଟନାୟକ ଓ ତାପସ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ

### ହରିଶ ଗୌରାଙ୍ଗଙ୍କ ଶ୍ରଦ୍ଧାଞ୍ଜଳି ସଭା

ସୋନପୁର,୨୪।୧୦(ନି.ପ୍ର.): କେନ୍ଦ୍ରାପଡା ନିର୍ମାଣ ଶ୍ରମିକ ସଂଗଠନର ପ୍ରତିଷ୍ଠାତା ହରୀଶ ଗୌରାଙ୍ଗଙ୍କ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରମିକ ନେତା ଗୋବିନ୍ଦ ମହାରଣା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ସଂଗଠନ ଜିଲା ସଭାପତି କର୍ଣ୍ଣରାଜ ପ୍ରଧାନ, ସଭ୍ୟ ସଙ୍ଗୀତା ବାଗ, ଘାସିରାମ ନାଏକ, ଅରୁଣ ପ୍ରଧାନ, ପ୍ରଦୀପ ଶତପଥୀ, ଆଶୁତୋଷ ଭୋଇ, ବୁଲୁ ସାହୁ, ଗୀତା ନାଗ ଓ ଅନିତ ପ୍ରଧାନ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଗୌରାଙ୍ଗଙ୍କ ସ୍ମୃତିଚାରଣ କରିଥିଲେ ।

### ବୀରମହାରାଜପୁର ଫୁଟବଲ କପ ପାଇଁ ପ୍ରସ୍ତୁତି

ଅମରପାଲି,୨୪।୧୦(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ହେବାକୁ ଥିବା ବୀରମହାରାଜପୁର ଫୁଟବଲ କପ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ପର୍ଶୁରାମ ଦେହୁରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଆସନ୍ତା ଡିସେମ୍ବର ୨୫ ଓ ୨୬ ତାରିଖ ଦୁଇଦିନ ଧରି ଟୁର୍ନାମେଣ୍ଟ କରାଯିବା ନିଷ୍ପତ୍ତି ନିଆଯାଇଛି। ବୈଠକରେ ସଙ୍ଘ ସମ୍ପାଦକ ସତ୍ୟନାରାୟଣ ମହାକୁର ବିବରଣୀ ପଠନ କରିଥିଲେ। ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରର ଆଠଟି ଦଳ ଅଂଶଗ୍ରହଣ କରିବେ। କୋଷାଧକ୍ଷ ଅଜିତ କୁମାର ନାୟକ, ଉପଦେଷ୍ଟା ଅଭିମନ୍ୟୁ ବଗର୍ତ୍ତୀ, ଅଶ୍ୱିନୀ କୁମାର ବାଦୀ, ପ୍ରାଣବନ୍ଧୁ କାଣ୍ଡ, ଚନ୍ଦ୍ରମଣି ବଗର୍ତ୍ତି, କାର୍ତ୍ତିକ ମହାକୁର, ଚିତ୍ତରଞ୍ଜନ ଜଗଦଲା, ଅଇଁଠୁ ନାଏକ ପ୍ରମୁଖ ଯୋଗଦେଇ ମତପ୍ରକାଶ କରିଥିଲେ।ଶେଷରେ ଉପସଭାପତି ସିଦ୍ଧାର୍ଥ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ବସ୍ କର୍ମଚାରୀଙ୍କୁ ମାଡ ମାରି ୨ ଗିରଫ

ବିନିକା,୨୪।୧୦(ଡି.ଏନ୍.ଏ) ସୁବର୍ଣ୍ଣପୁର ଜିଲା ବିନିକା-ସିଂଘିଯୁବା ମୁଖ୍ୟରାସ୍ତାର ଜାମପାଲି ମୁଖ୍ୟଛକରେ ଗତ ୨୦ତାରିଖରେ ଜଣେ ଘରୋଇ ବସ କର୍ମଚାରୀଙ୍କୁ ୨ଜଣ ଯୁବକ ମାରପିଟ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଜାମପାଲିର ୨ଜଣଙ୍କୁ ଗିରଫ କରିଥିଲା । ସେମାନେ ହେଲେ ପ୍ରମୋଦ ପଧାନ ଓ ପ୍ରକାଶ କର୍ମୀ । ହେଲେ ୨୧ତାରିଖ ଧରିତ୍ରୀର ପୃଷ୍ଠା ୩ରେପ୍ରକାଶିତ ଖବରରେ ପ୍ରମୋଦ ପଧାନ ବଦଳରେ ତ୍ରୁଟି ବଶତଃ ପ୍ରଦୀପ ପଧାନ ପ୍ରକାଶିତ ହୋଇଯାଇଛି।

# ଫୁଟବଲ: ଶରଧାପାଲି ବିଜୟୀ

ପଦ୍ମପୁର,୨୪।୧୦(ଡି.ଏନ.ଏ.)

ପଦ୍ମପୁର ଉପ ଖଣ୍ଡ ଖୁଣ୍ଟପାଲି ଖେଳ ପଡିଆରେ ଚାଲିଥିବା ଦ୍ୱିଦିବସୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ତାଳପାଲି ସରପଞ୍ଚ ସୁଶାନ୍ତ ସାହୁ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶୁଭାରମ୍ଭ କରିଥିଲେ । ନିର୍ବାହୀ ଅଧିକାରୀ ପାଣ୍ଡବ ନନ୍ଦ ସହଯୋଗ କରିଥିଲେ। ଖୁଣ୍ଟପାଲି, ବରିହାପୁଖାପାନି, ବରଭଟା, ବୁରୋମୁଣ୍ଡା, ତମିଆ, ଶରଧାପାଲି, ଅମ୍ବାମୁଣ୍ଡା, ଘନାମାଲ ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ବରଭଟା ଓ ଶରଧାପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶରଧାପାଲି ଟାଇବ୍ରେକର ଜରିଆରେ ବିଜୟୀ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ନୀଳମଣି ବରିହା ସଭାପତିତ୍ୱ କରିଥିଲେ। ପୂର୍ବତନ ସରପଞ୍ଚ ଚୈତନ୍ୟ ସାହୁ ମୁଖ୍ୟଅତିଥି, ଗାଇସିଲେଟ ଥାନା ଏଏସ୍ଆଇ ସୁଶୀଲ ଦାଶ, କନଷ୍ଟେବଳ ଯୁଗଳ ପ୍ରଧାନ, ଭଗବାନ ପଟେଲ, ସରୋଜ ପଟେଲ, ନାଥ ମୁନା, ଜବାହାରଲାଲ ବରିହା, ଜଗା ବରିହା, ସାମାଜିକ କର୍ମୀ ସତ୍ୟ ସାହୁ ମଞ୍ଚାସୀନ ଅତିଥି ଥିଲେ। ଗୌରାଙ୍ଗ ପାଣ୍ଡେ, ତରଣୀ ଲୁହାର, ରାଜୁ ଦାନୀ, ତନ୍ମୟ ତ୍ରିପାଠୀ, ବାବୁଲୁ ଗଡତିଆ ସହଯୋଗ କରିଥିଲେ। ବରିଷ୍ଠ ଖେଳାଳି ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପୁଟପୁଟପାଲି ଚାମ୍ପିୟନ


ଅତିଥିଙ୍କ ଗହଣରେ ଖେଳାଳିବୃନ୍ଦ।

ଅତାବିରା,୨୪।୧୦(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଜାଙ୍ଗେଡ଼ରେ ଚାଲିଥିବା କଳାଡୁଙ୍ଗୁରୀ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ପୁଟପୁଟପାଲି ଓ ଜାଙ୍ଗେଡ଼ ଫାଇନାଲକୁ ଉନ୍ନୀତ ହୋଇଥିଲେ। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ବରାବର ସ୍ଥିତିରେ ରହିଥିଲା। ଫଳରେ ଟାଇବ୍ରେକରର ସହାୟତା ନିଆଯାଇଥିଲା। ଏଥିରେ ପୁଟପୁଟପାଲି ୫-୪ ଗୋଲରେ ଚାମ୍ପିୟନ ହୋଇଥିଲା। ବିଜୟ ଓରାମ ମ୍ୟାନ୍ ଅଫ ଦି ମ୍ୟାଚ୍ ଏବଂ ଜିତେନ୍ଦ୍ର ସେଠ ମ୍ୟାନ୍ ଅଫ ଦି ଟୁର୍ନାମେଣ୍ଟ ହୋଇଥିଲେ। ଅତାବିରା ବ୍ଲକ ଅଧ୍ୟକ୍ଷା ରୀତା ସାହୁ ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ଛାଲୁ ବୁଡ଼େକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ପୁରସ୍କାର ବିତରଣ କରିଥିଲେ। ସନ୍ତୋଷ ପ୍ରଧାନ, ସନ୍ତୋଷ ଗଡ଼ତିଆ, ଲୋକନାଥ ବାରିକ, ସଚିନ ଭୋଇ, କ୍ଷୀରେଶ୍ୱର ସାହୁ, ପଙ୍କଜ ମିର୍ଦ୍ଧା, ମନୋଜ ତନସନା ମ୍ୟାଚ୍‌ପରିଚାଳନା କରିଥିଲେ।

# ସ୍କୁଲ ବେଳର ସ୍ମୃତି ମନେ ପକାଇଲେ



ବନ୍ଧୁ ମିଳନରେ ଉପସ୍ଥିତ ଶିକ୍ଷକ ଏବଂ ପୁରାତନ ଛାତ୍ରମାନେ।

ବିନିକା,୨୪।୧୦(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସାରଙ୍ଗପାଲି ୟୁପି ସ୍କୁଲ ୨୦୦୪ ମାଟ୍ରିକ ବ୍ୟାଚ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି । ୧୭ବର୍ଷ ପରେ ପୁରାତନ ଛାତ୍ରମାନେ ସ୍କୁଲ ପରିସରରେ ଏକାଠି ହୋଇ ସ୍କୁଲ ସମୟର ସ୍ମୃତିର ରୋମନ୍ଥନ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଶ୍ରୀବତ୍ସ ମେଲ୍ଲୀ, ପ୍ରଧାନଶିକ୍ଷକ ଲକ୍ଷ୍ମଣ ମେଲ୍ଲୀ, ସହକାରୀ ଶିକ୍ଷକ ନିରଞ୍ଜନ ଭୁଏ, ଦେବଦାଶ ମଙ୍ଗରାଜ, ସହକାରୀ ଶିକ୍ଷୟିତ୍ରୀ ସର୍ବେଶ୍ୱରୀ ହୋତା ବନ୍ଧୁମିଳନରେ ଯୋଗଦେଇଥିଲେ ପ୍ରାକ୍ତନ ଛାତ୍ରୀଛାତ୍ରମାନେ କର୍ମକ୍ଷେତ୍ରରେ ବିଭଳି ପ୍ରତିଷ୍ଠିତ ହୋଇଛନ୍ତି ତାହା ପଚାରି ବୁଝିଥିଲେ। ଏହାପରେ ଉପସ୍ଥିତ ଶିକ୍ଷକମାନଙ୍କୁ ସମ୍ମାନୀତ କରାଯାଇଥିଲା। ବନ୍ଧୁ ମିଳନ ଆୟୋଜନରେ ପୁରାତନ ଛାତ୍ର ଶୁଭମ ଅଗ୍ରୱାଲ, ପ୍ରସନ୍ନ ସରାଫ, ଗୌରୀ ଘୁଷୁରୀ, ପୁଷ୍ପା ତରିଆ, ହିମାଂଶୁ ମହାନନ୍ଦ ଓ ସନାତନ ବେହେରା, ରାଧାକାନ୍ତ ଭୁଏ, ପ୍ରେମାନନ୍ଦ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ।

# ଠେଲକୁଲି, ପୁରୀ ବିଜୟୀ

ସରଣ୍ଡା,୨୪।୧୦(ଡି.ଏନ.ଏ)

ବରଗଡ଼ ଜିଲା ଅତାବିରା ବ୍ଲକ କୁଲୁଣ୍ଡା ବୀର ସୁରେନ୍ଦ୍ର ସାଏ କ୍ରିକେଟ ଆସୋସିଏଶନ ପକ୍ଷରୁ ଚାଲିଥିବା କ୍ରିକେଟ ପ୍ରତିଯୋଗିତାର ଶନିବାର ଅନୁଷ୍ଠିତ ମ୍ୟାଚ୍‌ରେ ଠେଲକୁଲି ଏବଂ ପୁରୀ ଲାୟନ୍ସ କ୍ଲବ ବିଜୟୀ ହୋଇଛନ୍ତି। ଗୋଡ଼ଭଗା ଏବଂ ଠେଲକୁଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ଠେଲକୁଲି ଦଳ ୫୭ରନରେ ବିଜୟୀ ହୋଇଥିବାବେଳେ ଦଳର ପ୍ରଦୀପ ବୁଧିଆ ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଅବିନାଶ ପ୍ରଧାନ, ମାନସ ଦେବତା ଖେଳ ପରିଚାଳନା କରିଥିଲେ। କୁଲୁଣ୍ଡା କ୍ରିକେଟ ଆସୋସିଏଶନ ସମ୍ପାଦକ ନିଗମାନନ୍ଦ ପ୍ରଧାନ ମ୍ୟାନ୍ ଅଫ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ପୁରୀ ଲାୟନ୍ସ କ୍ଲବ ପ୍ରତିପକ୍ଷ ସମ୍ବଲପୁର ନକ୍ସାପାଲିକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି। ବିଶ୍ୱନାଥ ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ।

# ୪ ଦିନ ପରେ ବି ପୋଲିସ ହାତ ଖାଲି

**ଅଟୋ ମୋବାଇଲ ଦୋକାନରୁ ଚୋରି ଘଟଣା**

ବାଉଁଶୁଣୀ,୨୪।୧୦(ଡି.ଏନ.ଏ.)

ବୌଦ୍ଧ ବ୍ଲକ ବାଉଁଶୁଣୀ ଛକ ହିରୋ ଶୋ' ରୁମ ସମ୍ମୁଖରେ ଥିବା ମା' ଅଟୋ ମୋବାଇଲ ଦୋକାନରୁ ଗତ ଗୁରୁବାର ରାତିରେ ଲକ୍ଷାଧିକ ଟଙ୍କାର ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି ହୋଇଥିଲା। ଏ ନେଇ ବାଉଁଶୁଣୀ ଥାନାରେ ଦୋକାନ ମାଲିକ ଅରବିନ୍ଦ ତ୍ରିପାଠୀ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ବାଉଁଶୁଣୀ ଥାନା ଅଧିକାରୀ ସୁବାସ ଚନ୍ଦ୍ର ରାୟଗୁରୁ ପହଞ୍ଚି ଅନୁଧାନ କରିଥିଲେ। ହେଲେ ୪ ଦିନ ବିତି ଯାଇଥିଲେ ମଧ ପୂର୍ବର ସବୁ ଆପରାଧିକ ମାମଲା ଭଳି ଏ ମାମଲାରେ ମଧ ବାଉଁଶୁଣୀ ପୋଲିସ ହାତ ବାନ୍ଧି ବସିଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଥାନା ଅଧିକାରୀଙ୍କ ବଦଳି ଦାବିରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ ବିଭିନ୍ନ ଅନୁଷ୍ଠାନ ପ୍ରସ୍ତୁତ ହେଉଥିବା ସୂଚନା ମିଳିଛି।

# ଝାରବନ୍ଧରୁ ରାଜଧାନୀ ବସ୍ ସେବା ଦାବି

ପଦ୍ମପୁର,୨୪।୧୦(ଡି.ଏନ.ଏ.): ଝାରବନ୍ଧ ବ୍ଲକ ଅଞ୍ଚଳର ଲୋକମାନେ ବିଭିନ୍ନ କାମ ପାଇଁ ପ୍ରତିଦିନ ଭୁବନେଶ୍ୱର ଗସ୍ତ କରୁଛନ୍ତି। କିନ୍ତୁ ସେମାନେ ରାଜଧାନୀ ଯିବାକୁ ହେଲେ ପାଇକମାଳ ଯିବାକୁ ହୁଏ। ଘରୋଇ ବସ୍‌ଗୁଡିକ ମନଇଛା ଭଡା ନେବା ଏବଂ ପ୍ରତିଯୋଗିତାମୂଳକ ଭାବେ ଦ୍ରୁତଗତିରେ ଚଳାଉଥିବାରୁ ଯାତ୍ରୀମାନେ ଭୟଭୀତ ହେଉଛନ୍ତି। ଝାରବନ୍ଧ ସୀମାନ୍ତରୁ ଭୁବନେଶ୍ୱର ଯିବାକୁ ହେଲେ ବସ୍‌ଷ୍ଟାଣ୍ଡ ଯାଏ ୫୦ କିମି ଯିବାକୁ ହୁଏ। ତେଣୁ ଝାରବନ୍ଧରୁ ଜଗଦଲପୁର ଦେଇ ଭୁବନେଶ୍ୱରକୁ ସରକାରୀ ବସ୍ ଚଳାଇବାକୁ ଅଞ୍ଚଳର ସନ୍ତୋଷ ବେହେରା, ସୌଦାଗର ବରିହା, ନରେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ଦାବି କରିଛନ୍ତି।

ଧରିତ୍ରୀ DHARITRI
Wants aggressive and result oriented
MARKETING EXECUTIVES
- Fluency in Odia and English essential minimum 2 years experience in sales/marketing.

Apply within 10 days to :
recruitment@dharitri.com
Pay & Perks will be best in the industry for deserving candidates.

ଧରିତ୍ରୀ DHARITRI
ଆବଶ୍ୟକ କରୁଛି
WEB OFFSET COLOUR UNIT ASSISTANT
- Web Offset Machine Operator with minimum 2 years experience.

Apply within 10 days to :
recruitment@dharitri.com
Pay & Perks will be best in the industry for deserving candidates.

# ଆଇନ ସଚେତନତା ଶିବିର

ସୋନପୁର,୨୪।୧୦(ନି.ପ୍ର.)

ସୁବର୍ଣ୍ଣପୁର ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୋନପୁର ବ୍ଲକର ନାରାୟଣପୁର ଓ ଖରଜୁରା ପଞ୍ଚାୟତରେ ଆଇନ ସଚେତନତା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲା ଜଜ୍ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ ଅରୁଣ କୁମାର ମଲ୍ଲିକ ଯୋଗଦେଇ ଜନସାଧାରଣଙ୍କୁ ମାଗଣା ଆଇନସେବା, ପୀଡିତା କ୍ଷତିପୂରଣ ଆଇନ ତଥା ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ଶିବିର ଆୟୋଜନରେ ଜିଲା ଆଇନସେବା ପ୍ରାଧିକରଣର ବିନ୍ଦୁସାର ମହାପାତ୍ର ଓ କେଶବ ଗୁରୁ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖରଜୁରା ସରପଞ୍ଚ ସତ୍ୟ କୁମାର ସେଠୀ ଓ ନାରାୟଣପୁର ସରପଞ୍ଚ ନବୀନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲା ଜଜ୍ ଅରୁଣ କୁମାର ମଲ୍ଲିକ ଆଇନ ସେବା ସମ୍ପର୍କରେ ଲୋକଙ୍କୁ ବୁଝାଉଛନ୍ତି।

# ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା

କୋକସରା,୨୪।୧୦(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ରବିବାର ଗମ୍ଭାରୀଗୁଡା ନିୟନ୍ତ୍ରିତ ବାଜାର କମିଟି ପ୍ରାଙ୍ଗଣରେ ବ୍ଲକସ୍ତରୀୟ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ସଂଘ ଆବାହକ ନୀଳକଣ୍ଠ ମାଝିଙ୍କ ସଭାପତିତ୍ୱରେ ଭତ୍ରା, ଶବର, ଗଣ୍ଡ, କନ୍ଧ, ହଲବା, ବାରା, ଭୁିଆ ଆଦି ସମ୍ପ୍ରଦାୟର ଆଦିବାସୀ ସମାଜ କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ବୈଠକରେ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ସଂଗ୍ରାମ କରିବା ସହ ଆଦିବାସୀଙ୍କ ମଧ୍ୟରେ ରହିଥିବା ଭାଇଚାରାକୁ ଉଜାଗର କରିବା ଉପରେ ମତପ୍ରକାଶ ପାଇଥିଲା। ସମାବେଶରେ ମୁଖ୍ୟଅତିଥି ଭାବେ ଜିଲା ଆଦିବାସୀ ସଂଘ ସଭାପତି ପ୍ରକାଶ ଚନ୍ଦ୍ର ମାଝି, ଜିଲା ଉପସଭାପତି ଲଳିତ ନାଏକ, ଜୟପାଟଣା ବ୍ଲକ ସଭାପତି ସୁଶାନ୍ତ କୁମାର ନାଏକ, ଧର୍ମଗଡ଼ ସଭାପତି ଭବେଶ ଗୋନ୍ତିଆ, କଲମପୁର ବ୍ଲକ ସଭାପତି କରଣ ଝାଙ୍କର, କୋଷାଧକ୍ଷ ଉଦ୍ଧବ ପାତ୍ର, ଆଦିକନ୍ଦ ସମାଜରୁ ଅନିରୁଦ୍ଧ ପାତ୍ର, ଗଣ୍ଡ ସମାଜରୁ ନନ୍ଦ କିଶୋର ଧରୁଆ, ଶବର ସମାଜ ପକ୍ଷରୁ ସୁଶିଳ କୁମାର ଶବର, ବାରା ସମାଜରୁ ଦୁର୍ଗା ନାଏକ, ହଲବା ସମାଜରୁ ସହଦେବ ନେଗି, ଭତ୍ରା ସମାଜରୁ ଜିଲା ସମ୍ପାଦକ ଋତୁରାଜ ମାଝି, ଗରୁଡ଼ ଧ୍ୱଜ ମାଝି, ସୁଧୀର ପାତ୍ର, ଦୁର୍ଯ୍ୟୋଧନ ପୂଝାରି, ଭୁିଆ ସମାଜରୁ ଭରତ ଚନ୍ଦ୍ର ପୂଝାରୀ ଓ ପୂର୍ବତନ ଆଦିବାସୀ ମହିଳା ସରପଞ୍ଚ ଜନେକ ନାଏକ ନିଜ ସମାଜର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଆଦିବାସୀ ସମାଜ ବ୍ଲକ ସଭାପତି ଭାବେ ହେମନ୍ତ ମାଝି, ଉପସଭାପତି ଅଶୋକ ପୂଝାରୀ, ଜୟଲାଲ ନାଏକ, ସାଧାରଣ ସମ୍ପାଦକ ତ୍ରିନାଥ ଶବର, ସହ ସମ୍ପାଦକ ଦୈତାରି ଭୋଇ, କ୍ଷୀରସିନ୍ଧୁ ମାଝି, କୋଷାଧକ୍ଷ ଭାବେ ରାଜେନ୍ଦ୍ର ନାଏକଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ଭାବେ ବୈଦ୍ୟନାଥ ମାଝି, ଗୋବିନ୍ଦ ନାଏକ, ରାମକୃଷ୍ଣ ମାଝି, ଗରୁଡ଼ ଧ୍ୱଜ ମାଝି, ଜନେକ ନାଏକ, ନନ୍ଦ କିଶୋର ଧରୁଆ, ବିଶ୍ୱମ୍ଭର ଶବର, ଅଚ୍ୟୁତାନନ୍ଦ ମାଝି, ଦୁର୍ଗା ନାଏକ, ଗୋପିଚାନ୍ଦ ନାଏକ, ଯମୁନା ମାଝିଙ୍କୁ ଚୟନ କରାଯାଇଛି। ଏହି ବୈଠକ ତ୍ରିନାଥ ଶବର ଉପସ୍ଥାପନା କରିଥିଲେ।


ବୈଠକରେ କର୍ମକର୍ତ୍ତାମାନେ ଆଲୋଚନା କରୁଛନ୍ତି।

GOVERNMENT OF ODISHA
AGRICULTURE DEPARTMENT
OFFICE OF THE EXECUTIVE ENGINEER (AGRIL.)
DHENKANAL DIVISION, DHENKANAL
No.1182 Date 04.10.2021
INVITATION FOR BIDS (IFB)
e procurement notice
Bid Identification number / Tender Call Notice
No.E.E.(A) D/D-03 of 2021-22

No.L-78:- The Executive Engineer (Agril.), Dhenkanal Division, Dhenkanal who has been authorized as the procuring officer for the projects of Dhenkanal Division, Dhenkanal is directed to invite percentage rate bid on behalf of the Governor of Odisha for the Civil construction works under Dhenkanal Division. The costs of the projects are approximately from 5.00 lakhs to 50.00 lakhs. Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 25.10.21 at 10.00 hours to 01.11.21 at 16.00 hours. The bid will be opened on 05.11.21 at 11.00 hours in the O/o Executive Engineer, (Agril.), Dhenkanal Division, Dhenkanal. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
Email ID- eeagri.dhenkanal@gmail.com

Sd./- Executive Engineer (Agril)
Dhenkanal Division, Dhenkanal
OIPR-01446/11/0001/2122